# ଶ୍ରୀକ୍ଷେତ୍ର ସିଟି

୨୬/୬/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮୧,୭୫୩/- ସୁନା: ୧୨୦ ମିଲିଗ୍ରାମ୍ ରୁପା: ୧୬.୦୦ ଗ୍ରାମ୍











ପୁରୀ ଟାଉନ ହଲ୍ ପରିସରରେ ବୁଧବାର ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

**ରଥଯାତ୍ରା ସମନ୍ୱୟ ବୈଠକ**

# ପ୍ରତ୍ୟେକ ବିଭାଗ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ

ପୁରୀ,୨୬।୬(ସମିସ)

ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ଇସ୍ପାତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ଜି. ମାଥିଭାଥନନ, ମାନସ ରଞ୍ଜନ ବାରିକ, ଆଡିସିନାଲ ଡିଜି ସଞ୍ଜୟ କୁମାର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ପରିବହନ କମିଶନର ଅମିତାଭ ଠାକୁର, ଆର୍‌ଡିସି ସନ୍ଥ ଗୋପାଳନ, ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ପୁନମ ଗୁହା ତାପସ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଅଧିକ ଭଡ଼ା ନେଲେ କାର୍ଯ୍ୟାନୁଷ୍ଠାନ ■ ସବୁ ବସ୍‌ରେ ରହିବ ରେଟ୍ ଚାର୍ଟ

ରଥଯାତ୍ରା ସମୟରେ ପୁରୀକୁ ଅଧିକ ସଂଖ୍ୟକ ବସ୍ ଚଳାଚଳ କରିଥାଏ। ହେଲେ ଯାତ୍ରୀଙ୍କ ଭିଡକୁ ଦେଖି କେତେକ ବସ୍ ଅଧିକ ଭଡା ଆଦାୟ କରିଥାନ୍ତି। ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରୁ ଅଧିକାଂଶ ମୁହଁ ଖୋଲିବାକୁ ସାହସ କରନ୍ତି ନାହିଁ। ଦିନେ ଦୁଇଦିନ ପାଇଁ ସେମାନେ ଆସୁଥିବାରୁ ବସ୍ କଣ୍ଡକ୍ଟର ଯାହା ଭଡା କୁହନ୍ତି ତାହା ପ୍ରଦାନ କରିଥାନ୍ତି। ହେଲେ କିଛି ଯାତ୍ରୀ ଏ ନେଇ ଅଭିଯୋଗ କରନ୍ତି। ହେଲେ ରଥଯାତ୍ରା ଗହଳି ଭିତରେ ସେମାନଙ୍କ ଅଭିଯୋଗ ପ୍ରତି କୌଣସି ଅଧିକାରୀ ଧ୍ୟାନ ଦେଇପାରି ନ ଥାନ୍ତି। ତେଣୁ ପ୍ରତିବର୍ଷ ରଥଯାତ୍ରା ସମୟରେ କେତେକ ବସ୍ ମାଲିକ ବେଆଇନ ଭାବେ ଯାତ୍ରୀଙ୍କଠାରୁ ଅଧିକ ଭଡା ଆଦାୟ କରିଆସୁଛନ୍ତି। ସେହିପରି ଯାତ୍ରୀଙ୍କୁ ଦିଆଯାଉଥିବା ଟିକେଟରେ କ'ଣ ଲେଖାଯାଉଛି ତାହା କେହି ପଢିପାରନ୍ତି ନାହିଁ ବୋଲି ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଅଭିଯୋଗ କରିଥିଲେ ବୁଦ୍ଧିଜୀବୀ। ଯାତ୍ରୀଙ୍କଠାରୁ ଯଦି ଧାର୍ଯ୍ୟ ମୂଲ୍ୟଠାରୁ କୌଣସି ବସ୍ ଅଧିକ ଭଡା ନିଏ ତେବେ ସମ୍ପୃକ୍ତ ବସ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ପ୍ରତ୍ୟେକ ବସ୍‌ରେ ଫାଷ୍ଟଏଡ୍ ବକ୍ସ, ପାନୀୟ ଜଳ ରଖିବାକୁ ଆର୍‌ଟିଓ ସୁନିଶ୍ଚିତ କରିବେ। ସେହିପରି ପ୍ରତ୍ୟେକ ବସ୍‌ରେ ରେଟ୍ ଚାର୍ଟ ରହିବ। କୌଣସି ଭକ୍ତ ଯେପରି ଅଧିକ ଭଡାର ଶିକାର ନ ହୁଅନ୍ତି ସେଥିପ୍ରତି କଡାକଡି ନଜର ରଖାଯିବ ବୋଲି ହୋଇଛି ନିଷ୍ପତ୍ତି।

## ସିସିଟିଭି ନଜରରେ ରହିବ ପୁରୀ ସହର

ଆସନ୍ତା ରଥଯାତ୍ରା ପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଶେଷକରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପୁଲିସ। ଏଥିପାଇଁ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ଜାରି ରହିଛି। ଚଳିତବର୍ଷ ଦୁଇଦିନିଆ ରଥଯାତ୍ରା ହେବ। ଅର୍ଥାତ୍ ଜୁଲାଇ ୭ ଏବଂ ୮ ତାରିଖରେ ରଥଟଣା ଯିବ। ତେଣୁ ପୁଲିସ ଦୁଇଦିନ ପାଇଁ ପ୍ରସ୍ତୁତ ହେଉଛି ବୋଲି ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକରେ ସୂଚନା ଦେଇଛନ୍ତି ଏସ୍‌ପି ପିନାକ ମିଶ୍ର।

ସେହିପରି ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା, ଗହଳି ନିୟନ୍ତ୍ରଣ ଓ ଟ୍ରାଫିକ ପରିଚାଳନା ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ପୁଲିସ ଫୋର୍ସ ମୃତୟନ ସହ ଟ୍ରାଫିକ ଓ ୧୮ଟି ସ୍ଥାନରେ ଗାଡି ପାର୍କିଂ ବ୍ୟବସ୍ଥା ହୋଇଛି। ରଥଯାତ୍ରା ଭିଡ଼ ନିୟନ୍ତ୍ରଣ ସହ ଭକ୍ତଙ୍କ ସୁରକ୍ଷା ପାଇଁ ସିସିଟିଭି ନଜରରେ ରହିବ ପୁରୀ ସହର। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସ୍ଥାପନ ସହ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ ପର୍ଯ୍ୟାପ୍ତ ଫୋର୍ସ ମୁତୟନ ହେବେ। ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ପାଇଁ ବେଳାଭୂମିରେ ଲାଇଫ୍‌ଗାର୍ଡ ସହ କୋଷ୍ଟଗାର୍ଡ ମଧ୍ୟ ନିୟୋଜିତ କରାଯିବ ବୋଲି ଆଡିସିନାଲ ଡିଜି ସଞ୍ଜୟ କୁମାର କହିଛନ୍ତି।

## ବଣ୍ଟାଯିବ ୨୫ ଲକ୍ଷ ପାଣି ପାଉଚ

ପାନୀୟ ଜଳ ଯୋଗାଣ ନେଇ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ରହିଥିବା ରଥଯାତ୍ରା ସମନ୍ୱୟ ବୈଠକରେ ସୂଚନା ଦେଇଥିଲେ। ରଥଯାତ୍ରା ସମୟରେ ୪୨ଟି ଟ୍ୟାଙ୍କର ନିୟୋଜିତ କରାଯିବ। ବଡଦାଣ୍ଡର ଉଭୟ ପାର୍ଶ୍ୱରେ ୧୨୦ଟି ଡ୍ରିଙ୍କ ଫ୍ରମ ଟ୍ୟାପ୍ ରହିଛି। ଏଗୁଡ଼ିକ ମଧ୍ୟରୁ ଯେଉଁଗୁଡିକ ଅଚଳ ଥିବ ତାହାକୁ ସଜାଡିବା ପାଇଁ କୁହାଯାଇଥିଲା। ବିଦ୍ୟୁତ୍ କାଟ୍ ସମୟରେ ଜଳଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ଡିଜି ସେଟ୍ ପ୍ରସ୍ତୁତ ରହଛି ବୋଲି ସୂଚନା ଦିଆଯାଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ମଧ୍ୟ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛି ବୋଲି ବୈଠକରେ ବିଭିଗୀୟ ଅଧିକାରୀ କହିଥିଲେ। ଏଥର ୨୫ ଲକ୍ଷ ପାଉଚ ପାଣି ବଣ୍ଟନ କରାଯିବ।

## ସାଇଜ୍ ଅନୁସାରେ ଆସୁନି ରଥକାଠ

ରଥକାଠ ଆଲୋଚନା ବେଳେ ସାଇଜ ଅନୁସାରେ କାଠ ମିଳୁ ନ ଥିବା ଅଭିଯୋଗ କରିଥିଲେ ସେବାୟତ। ଚଳିତ ବର୍ଷ ଯେଉଁ ସାଇଜର କାଠ କୁହାଯାଇଥିଲା ସେହି ମୋଟେଇର କାଠ ନ ଦେଇ ଅଧିକ ମୋଟେଇ କାଠ ଦେଇଥିବାରୁ ଅଧିକାଂଶ କାଠ ନଷ୍ଟ ହେଉଛି ବୋଲି କହିଥିଲେ। ସେହିପରି ଚଳିତବର୍ଷ ଅଧିକ କାଠ ପୋଲା ପଡିବାରୁ କାମ କରିବା ବେଳେ ମହାରଣା ସେବକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ୧୫ଟି ସାଇଟ୍‌ରେ ରହିବ ୩୦ ଆମ୍ବୁଲାନ୍ସ




ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ନେଇ ବେଶ୍ ହୋ ହଲ୍ଲା ହୋଇଥିଲା। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାର୍ଶ୍ୱ ହସ୍ପିଟାଲଗୁଡ଼ିକୁ ପୂର୍ଣ୍ଣ ପ୍ରସ୍ତୁତ ରଖାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ବେଡ୍ ହେବ। କାଜୁଆଲିଟିରେ ୧୪ରୁ ୨୦ ଜଣ ଅଧିକ ଡାକ୍ତର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ। ବାହାରୁ ୧୫୭ ଜଣ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ଅଣାଯିବ। ହସ୍ପିଟାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଏବଂ ଜଳଯୋଗାଣ କରାଯିବ। ୩୦ଟି ଆମ୍ବୁଲାନ୍ସ ୧୫ଟି ସାଇଟ୍‌ରେ ରହିବ। ଜନଗହଳି ଭିତରେ ଆମ୍ବୁଲାନ୍ସ ଚଳାଚଳ ଲାଗି ସ୍ୱେଚ୍ଛାସେବୀଙ୍କ ଦ୍ୱାରା କରିଡ଼ର ବ୍ୟବସ୍ଥା ହେବ। ମୋଟ ୩୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବ। ୨ଟି ଖାଦ୍ୟ ନିରୀକ୍ଷକ ଦଳ ଖାଦ୍ୟ ପଦାର୍ଥ ଯାଞ୍ଚ କରିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୦ ୟୁନିଟ୍ ବ୍ଲଡ଼ ମହଜୁଦ ରଖାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଥିଲେ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲା ଅଣସର ଭାର

**ପୁରୀ,୨୬।୬(ସମିସ):** ଜ୍ୱରରେ ପଡିଛନ୍ତି ମହାପ୍ରଭୁ। ସୁସ୍ଥତା ପାଇଁ ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଏହି ସମୟରେ ଦାରୁଦେବତାଙ୍କ ପାଖରେ ରନ୍ଧାଭୋଗ ଲାଗି ହେଉନି। ପଣା ଏବଂ ବିଭିନ୍ନ ପ୍ରକାର ଫଳମୂଳ ଲାଗି କରାଯାଉଛି। ମହାପ୍ରଭୁଙ୍କ ସୁସ୍ଥତା ପାଇଁ ପ୍ରାଚୀ କ୍ଷେତ୍ରରୁ ଆସିଛି ଅଣସର ଭାର। ପ୍ରାଚୀ ନଦୀ ତଟ ଦେଉଳି ମଠ ପକ୍ଷରୁ ଆସିଥିବା ଏହି ଫଳଭାର ବୁଧବାର ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଭାରଯାତ୍ରୀମାନେ ନାମ, ସଂକୀର୍ତ୍ତନ ସହ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ସେମାନେ ଆଣିଥିବା ଫଳଭାର ଶ୍ରୀମନ୍ଦିର ଗାରଦ କାର୍ଯ୍ୟାଳୟ ଜିମା ଦେଇଛନ୍ତି। ଏହି ଅଣସର ଭାର ମଧ୍ୟରେ ଆମ୍ବ, ପଣସ, ସେଓ, ସପୁରୀ, କଦଳୀ, ନଡ଼ିଆ, ପିଜୁଳି, ଖଜୁରୀ ସାଙ୍ଗକୁ ତୁଳସୀ ଓ ବିଭିନ୍ନ ପ୍ରକାର ଧଳା ଫୁଲ ରହିଛି। ସେହିପରି ଶ୍ରୀଅଙ୍ଗରେ ଲାଗିବା ପାଇଁ ଝୁଣା, କର୍ପୁର ବି ରହିଛି। ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଦୀର୍ଘବର୍ଷରୁ ଅଣସର ସମୟରେ ପୁରୀର ଦଶାବତାର ମଠ ଜରିଆରେ ପ୍ରାଚୀ କୂଳରୁ ବିଭିନ୍ନ ସାମଗ୍ରୀ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଠାଯାଉଥିଲା। ମାତ୍ର ପରେ ଏହି ପରମ୍ପରା ଅବଲୁପ୍ତ ହୋଇଯାଇଥିଲା। ପୁନଶ୍ଚ ତ୍ରିଲୋଚନ ମିଶ୍ରଙ୍କ ଉଦ୍ୟମରେ କାକଟପୁର ଦେଉଳି ମଠ ପକ୍ଷରୁ ପ୍ରାଚୀ କ୍ଷେତ୍ରରୁ ଅଣସର ଫଳଭାର ଶ୍ରୀକ୍ଷେତ୍ରକୁ ଆସୁଛି।



● ସରିଲା ଶ୍ରୀଅଙ୍ଗ ଫିଟା ନୀତି

# ଆଜି ଫୁଲୁରୀ ତେଲ ଲାଗି

**ପୁରୀ,୨୬।୬(ସମିସ):** ସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଚାଲିଛି ଗୁପ୍ତ ସେନା। ମହାପ୍ରଭୁଙ୍କ ସେବାରେ ଲାଗିପଡିଛନ୍ତି ଦଇତାପତି ସେବକ। ଚାଲିଛି ଉପଚାର। ତେବେ ବୁଧବାର ଅଣସରର ପଞ୍ଚମ ଦିବସ। ଏହିଦିନ ଠାକୁର ବର୍ଷସାରା ଲାଗି ହୋଇଥିବା ଚନ୍ଦନ, ପାଟଡୋରୀ, ଶ୍ରୀମୁଖରେ ଥିବା କନା ଆଦି କଢାଯାଇଛି। ଏହାକୁ ଶ୍ରୀଅଙ୍ଗ ଫିଟା ନୀତି କୁହାଯାଏ। ଶ୍ରୀମୁଖରୁ ଯେଉଁ କନା (ବିରୂପ) ବାହାରେ ତାକୁ ଅଲଗା ରଖାଯାଏ। ଏହି କନାକୁ ଅଣସର ଶୁଦ୍ଧସୁଆର ସେବକ ତ୍ରୟୋଦଶୀ ରାତିରେ ନେଇ କୋଇଲି ବୈକୁଣ୍ଠରେ ବିସର୍ଜନ କରିଥାନ୍ତି। ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, ପାଟଡୋରୀକୁ ଦ୍ୱାଦଶୀରେ ରାଜପ୍ରସାଦ ଆକାରରେ ଶ୍ରୀନଅରକୁ ବିଜେ କରାଯାଏ। ଏହାକୁ ରାଜପ୍ରସାଦ ବିଜେ କୁହାଯାଏ। ମହାପ୍ରଭୁ କିପରି ସୁସ୍ଥ ହେବେ ସେଥିପାଇଁ ଗୁରୁବାର ଶ୍ରୀଅଙ୍ଗରେ ଲାଗି ହେବ ଫୁଲୁରୀ ତେଲ। ପୂର୍ବ ପରମ୍ପରା ଅନୁଯାୟୀ, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଏହି ଫୁଲୁରୀ ତେଲ ବଡ଼ଓଡିଆ ମଠ ଯୋଗାଇଦେବ। ରାଶି ତେଲରେ ବିଭିନ୍ନ ପ୍ରକାର ଚେର, ଔଷଧୀୟ ଫୁଲ ଆଦି ମିଶାଯାଇ ଗୋଟିଏବର୍ଷ ପୂର୍ବରୁ ମାଟିତଳେ ପୋତା ଯାଇଥାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଦଇତାପତି ସେବକମାନେ ଏହି ଫୁଲୁରୀ ତେଲ ଲାଗି କରିବେ।

# ସଦାଶିବ ପରିସରରେ ନୂଆ ନିର୍ଦ୍ଦେଶକଙ୍କ ଯୋଗଦାନ



**ପୁରୀ,୨୬।୬(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ନୂତନ ନିର୍ଦ୍ଦେଶକ ରୂପେ ପ୍ରଫେସର ବନମାଳୀ ବିଶ୍ୱାଳ ବୁଧବାର ଯୋଗଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପରିସରସ୍ଥ ଜୟଦେବ ସଭଗାରଠାରେ ପ୍ରଫେସର ବିଶ୍ୱାଳଙ୍କୁ ଆନୁଷ୍ଠାନିକ ଭାବେ ପରିସର ତରଫରୁ ସ୍ୱାଗତ କରାଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦାୟୀ ନିର୍ଦ୍ଦେଶକ ପ୍ରଫେସର ମଦନ ମୋହନ ଝା। ପ୍ରଫେସର ବିଶ୍ୱାଳ ପୂର୍ବରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀସ୍ଥ ମୁଖ୍ୟାଳୟରେ ଶୈକ୍ଷିକ ଅଧ୍ୟକ୍ଷ ଭାବେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏତଦ୍‌ବ୍ୟତୀତ ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଝାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମଗ୍ର କାର୍ଯ୍ୟକ୍ରମକୁ ପ୍ରଫେସର ରମାକାନ୍ତ ମିଶ୍ର ସଂଯୋଜନା କରିଥିଲେ। ପ୍ରଫେସର ଗୌରପ୍ରିୟା ଦାଶ ସ୍ୱାଗତ କରିଥିବା ବେଳେ ପ୍ରଫେସର ଲଳିତ କୁମାର ସାହୁ, ପ୍ରଫେସର ମିନତୀ ରଥ, ପ୍ରଫେସର ଅନୁପମା ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ପରିସରର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଫେସର ଧର୍ମେନ୍ଦ୍ର କୁମାର ସିଙ୍ଘଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ଶ୍ୱ ଦେବଦେବୀଙ୍କ ବିଘ୍ନକୁ ନେଇ ଉଦ୍‌ବେଗ

**ପୁରୀ,୨୬।୬(ସମିସ):** ରଥରେ ବିଜେ କରୁଥିବା ପାର୍ଶ୍ୱ ଦେବଦେବୀ, ସଖୀ ମୂର୍ତ୍ତିଗୁଡ଼ିକ ବିଘ୍ନ ହୋଇଗଲାଣି। ଏପରି କି କେତେକ ମୂର୍ତ୍ତିରେ ପୋକ ଲାଗି ନଷ୍ଟ ହେଲାଣି। ଏଥିପ୍ରତି କୌଣସି ଧ୍ୟାନ ଦିଆଯାଉ ନାହିଁ। ପରମ୍ପରା ଅନୁଯାୟୀ, ନବକଳେବର ସମୟରେ ପାର୍ଶ୍ୱ ଦେବଦେବୀ, ସଖୀ ଆଦି ମୂର୍ତ୍ତି ନୂତନ ଭାବେ ନିର୍ମାଣ କରାଯାଇଥାଏ। ରଥଯାତ୍ରା ପରେ ଏମାନଙ୍କୁ ଯେଉଁଭଳିଭାବେ ରଖାଯାଇ ପୂଜାର୍ଚ୍ଚନା କରିବା କଥା ତାହା କରାଯାଉ ନାହିଁ। ରଥ ସରିବା ପରେ ଏମାନଙ୍କୁ ପୂର୍ବରୁ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ପରିସର ପାଣିଘରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଥିଲା। ହେଲେ କିଛି ବର୍ଷ ହେବ ସବୁ ମୂର୍ତ୍ତିକୁ ଶ୍ରୀମନ୍ଦିର ପ୍ରଶାସକ କାର୍ଯ୍ୟାଳୟ ତଳ ମହଲାରେ ବିପର୍ଯ୍ୟସ୍ତ ଭାବେ ରଖାଯାଉଛି। ଫଳରେ ମୂର୍ତ୍ତିଗୁଡ଼ିକ ନଷ୍ଟ ହେଲାଣି। ଏହାକୁ ନେଇ ରୂପକାର ସେବକମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରି ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ଅଭିଯୋଗ କରିଥିଲେ ବୁଦ୍ଧିଜୀବୀ। ଆଇନ ମନ୍ତ୍ରୀ ଏ ଦିଗରେ ବିହୀତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି କହିବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ବିଧି ଅନୁଯାୟୀ, କ'ଣ କରିହେବ ତାହାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ।

# ୬୨୦ କେଜି ଭାଙ୍ଗ ଜବତ, ଯୁବକ ଗିରଫ

**ପୁରୀ,୨୬।୬(ସମିସ):** ଅବକାରୀ ପୁଲିସ ବିପୁଳ ପରିମାଣର ଭାଙ୍ଗ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚିଲିକା ଗୋପପୁରର ସାଗର ଗୋଛାୟତ (୩୦)। ସାଗର ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ ବୋଲେରୋରେ ବିପୁଳ ପରିମାଣରେ ଭାଙ୍ଗ ନେଇ ଯାଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ପୁଲିସ ସାକ୍ଷୀଗୋପାଳ ନିକଟରୁ ତାକୁ ଧରିଥିଲା। ଅଭିଯୁକ୍ତଠାରୁ ୬୨୦ କେଜି ଭାଙ୍ଗ ଜବତ ସହ ଗାଡି ମଧ୍ୟ ଜବତ କରିଛି ଅବକାରୀ ପୁଲିସ। ଏ ନେଇ ଅବକାରୀ ପୁଲିସ ଏକ ମାମଲା (ନଂ.୩୦/୨୪) ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କୋର୍ଟଚାଲାଣ କରିଛି।

● ନାବାଳକ ସହ ଯୌନ ସମ୍ପର୍କ ଓ ହତ୍ୟା ଉଦ୍ୟମ ମାମଲା

# ଦୋଷୀକୁ ୨୦ ବର୍ଷ କାରାଦଣ୍ଡ

**ପୁରୀ,୨୬।୬(ସମିସ):** ୨୦୧୮ ମସିହାରେ ପିପିଲି ଥାନା ଅଞ୍ଚଳରେ ଜଣେ ନାବାଳକକୁ ଅପହରଣ କରି ତା' ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଏବଂ ତାକୁ ହତ୍ୟା ଉଦ୍ୟମ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ପିପିଲି ମେଳଣ ପଡ଼ିଆର ଜୁମା ଖାଁ (୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ କାରାଦଣ୍ଡ ସହ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ୨୦୧୮ ମସିହା ମାର୍ଚ୍ଚ ୨୫ ତାରିଖରେ ୮ ବର୍ଷର ଜଣେ ନାବାଳକ ନିଖୋଜ ହୋଇଥିବା ନେଇ ତାଙ୍କ ମା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନାଧିକାରୀ ଶରତ କୁମାର ସାହୁ ଘଟଣାକୁ ଗୁରୁତର ସହ ନେଇ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୧୦୪/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ନାବାଳକଙ୍କୁ ଖୋଜିଥିଲେ। ସେହିଦିନ ରାତି ପ୍ରାୟ ୧୧ଟା ସମୟରେ ପିପିଲି ବାଇପାସ୍ ତାରକାଜ ନିକଟ ଏକ ପରିତ୍ୟକ୍ତ ଘରୁ ଅଚେତ ଅବସ୍ଥାରେ ନାବାଳକଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ନାବାଳକକୁ ପିପିଲି ହସ୍ପିଟାଲ ଏବଂ ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ପୁନଶ୍ଚ ତାକୁ ଭୁବନେଶ୍ୱରର ଆଉ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମରେ ଏକ ଇଟାରେ ମୁଣ୍ଡକୁ ଛେଚି ଦେଇଥିଲେ। ଦୀର୍ଘ ଦେଢମାସ ପରେ ନାବାଳକ ସୁସ୍ଥ ହୋଇଥିଲେ। ଅଭିଯୁକ୍ତ ଜୁମା ଖାଁକୁ ପୁଲିସ ଗିରଫ କରିବା ସହିତ ୨୦୧୮ ନଭେମ୍ବର ୨୮ ତାରିଖରେ ଏହାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ୩୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ମାନ୍ୟବର ଅଦାଲତ ଏହି ରାୟ ଦେଇଛନ୍ତି। ସେହିପରି ପୀଡ଼ିତଙ୍କୁ ରାଜ୍ୟ ସରକାର ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ମଧ୍ୟ ଅଦାଲତଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

### ଘୋରଡ଼ିଆରେ ଗୋଷ୍ଠିକନ୍ଦଳ ଓ ବୋମାମାଡ଼

# ପୁଲିସ ପ୍ରଶାସନ ଉପସ୍ଥିତିରେ ଶାନ୍ତି କମିଟି ବୈଠକ



- ରାତି ୮ଟା ଭିତରେ ଦୋକାନ ବନ୍ଦ
- ଦୁର୍ବୃତ୍ତଙ୍କ ବିରୋଧରେ ହେବ ଦୃଢ଼କାର୍ଯ୍ୟାନୁଷ୍ଠାନ

ଡେଲାଙ୍ଗ, ୨୬।୬(ସମିସ):

ଡେଲାଙ୍ଗ ଥାନା ଅଧିନ ଘୋରଡିଆ ଗ୍ରାମରେ ଗତ କିଛିଦିନ ତଳେ ପୂର୍ବ ଶତ୍ରୁତାରୁ ହୋଇଥିବା ମାରପିଟ ଓ ଗଣ୍ଡଗୋଳ ପାଇଁ ଗ୍ରାମର ୨ଗୋଷ୍ଠିଙ୍କ ମଧ୍ୟରେ ଗୋଷ୍ଠି କନ୍ଦଳ ସୃଷ୍ଟି ହୋଇଛି। ଯାହା ପାଇଁ ଘୋରଡିଆସ୍ଥିତ ବିଜେପି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ମଙ୍ଗଳବାର ରାତିରେ ବୋମାମାଡ ହେବା ଫଳରେ ଗ୍ରାମରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଖବର ପାଇ ରାତିରେ ପୁରୀ ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଆଇନ୍ ଶୃଙ୍ଖଳା ରକ୍ଷା କରିଥିଲେ। ଏନେଇ ବୁଧବାର ଡେଲାଙ୍ଗ ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଶାନ୍ତି କମିଟି ବୈଠକରେ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ତହସିଲଦାର ସନ୍ତୋଷିନି ଦାଶ, ଡେଲାଙ୍ଗ ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉଭୟ ଗୋଷ୍ଠିଙ୍କ ମଧ୍ୟରେ ଲାଗିଥିବା ବିବାଦକୁ ଆଗକୁ ନବଢ଼ିବା ସହିତ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଶାନ୍ତି କମିଟିକୁ ପ୍ରସ୍ତାବ ଦେଇଥିଲେ। ଆସନ୍ତା ୨୮ ତାରିଖରେ ଗ୍ରାମର ଶାନ୍ତି କମିଟିରେ ଆଖପାଖ ଅଞ୍ଚଳର ନୂତନ ସଦସ୍ୟମାନଙ୍କୁ ସାମିଲ କରାଯାଇ କମିଟିକୁ କ୍ରିୟାଶୀଳ କରାଯିବ ଓ ସ୍ଥାନୀୟ ପ୍ରଶାସନ ସହାୟତାରେ ଗ୍ରାମରେ ଶାନ୍ତି ଶୃଙ୍ଖଳା ବଜାୟ ରଖାଯିବ ବୋଲି ଉପସ୍ଥିତ କମିଟି ସଦସ୍ୟ ସାକିର ଖାନ୍, ରମେଶ ପାଟଶାଣି, ପ୍ରକାଶ ଚକ୍ରପାତ୍ର, ଅବଦୁଲ ୱାହିଦ୍ ଖାନ୍, ରାସିଦ ଖାନ୍, ଅର୍ଣ୍ଣପୂର୍ଣ୍ଣା ରଣଜିତ, ଦୟାନିଧି ମାର୍ଥା, ଶୁଶାନ୍ତ ବେହେରା, ମହମ୍ମଦ୍ ଖାନ୍, ବାବୁ ଖାନ୍, ଅଜିତ୍ ସାହା, ହାଇଦର ଖନ୍, ପ୍ରଫୁଲ ଜେନା, ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ମତ ପ୍ରକାଶ କରିଥିଲେ। ସୂଚନା ଥାଉକି ଘୋରଡିଆ ଗ୍ରାମରେ ଗତ ୨୧ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା। ଯାହା ଫଳରେ ଯୁବକ ଜଣକ ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ସେହିଦିନ ଠାରୁ ଗ୍ରାମରେ ୧ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଥିଲେ। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ ମଧ କରିଥିଲା। ତେବେ ଏହି ଘଟଣାକୁ କେନ୍ଦ୍ରକରି ୨୫ତାରିଖ ରାତିରେ ଲାଇନ୍ କଟିଥିବା ବେଳେ ବିଜେପି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ କିଛି ଦୁର୍ବୃତ୍ତଓ ବୋମାମାଡ କରିଥିଲେ। ଖବର ପାଇ ପୁରୀ ଏସ୍‌ପିଙ୍କ ସମେତ ଆଡିସିନାଲ ଏସ୍‌ପି, ପିପିଲି ଏସଡିପିଓ, ଡେଲାଙ୍ଗ ଆଇଆଇସି ପ୍ରମୁଖ ରାତିରେ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିବା ବେଳେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିଛନ୍ତି। ପରେ ବୁଧବାର ସକାଳେ ସାଇଣ୍ଟିଫିକ ଦଳ ଘଟଣା ସ୍ଥଳରେ ପହଞ୍ଚି ଫୁଟା ବୋମାର ଛିଣ୍ଡା ସୁତୁଲି, ଗୋଡି ଜବତ କରିବା ସହିତ ବୋମାମାଡ ସ୍ଥାନରେ ଅଧିକ ତଦନ୍ତ ଜାରି ରଖିଛନ୍ତି। ରାତି ୮ଟା ଭିତରେ ଘୋରଡିଆ ବଜାରରେ ସମସ୍ତ ଦୋକାନ ବନ୍ଦ କରାଯିବା ସହିତ ରାତି ୯ଟା ଭିତରେ ସମସ୍ତ ଲୋକେ ବଜାର ଛାଡି ନିଜନିଜ ଘରକୁ ଫେରିବେ ବୋଲି ଶାନ୍ତି କମିଟି ବୈଠକରେ ସ୍ଥିର କରାଯାଇଛି। ଅନ୍ୟପଟେ ବୋମାମାଡ କରିଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ଶିକ୍ଷକ ପ୍ରଶିକ୍ଷକଙ୍କ ବିଦ୍ୟାଳୟ ପରିଦର୍ଶନ ଓ ସମୀକ୍ଷା ବୈଠକ



କଣାସ, ୨୬।୬(ସମିସ): ପୁରୀ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରତିକାନ୍ତ ସାହୁ ବୁଧବାର କଣାସ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ସାଧନକେନ୍ଦ୍ର ସଂଯୋଜକଙ୍କୁ ନେଇ ସମୀକ୍ଷା ବୈଠକରେ ଯୋଗଦେଇଥିବା ଜଣାଯାଇଛି। ଚଳିତ ବର୍ଷର ପ୍ରଥମ ମାସିକ ସାଧାନକେନ୍ଦ୍ରସ୍ତରୀୟ ବୈଠକରେ ଆଲୋଚିତ ପ୍ରସଙ୍ଗର କିପରି ବିଦ୍ୟାଳୟରେ ରୂପାୟନ ହେଉଛି ତାହାର ତଦାରଖ ପାଇଁ ଶ୍ରୀ ସାହୁ କଣାସ ବ୍ଲକର ନାନକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସିରେଇ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅପରାହ୍ନରେ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ଗ୍ରହଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନାର ସଫଳତାର ସମୀକ୍ଷା କରିବା ସହ ଏଫଏଲ୍‌ଏନ୍ ଗ୍ରେଡ୍‌ର ଛାତ୍ରଛାତ୍ରୀଙ୍କ ଶିକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ଲକର ସାଧାନକେନ୍ଦ୍ର ସଂଯୋଜକ ମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ କଣାସ ବ୍ଲକର ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ସୂର୍ଯ୍ୟନାରାୟଣ ନାୟକ ଏବଂ ବିନୋଦ ବିହାରୀ ସେଠୀଙ୍କ ସହିତ ସାଧାନକେନ୍ଦ୍ର ସଂଯୋଜକମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଶ୍ରୀସାହୁଙ୍କୁ ପୁଷ୍ପଗୁଚ୍ଛ ସହ ବରିଷ୍ଠ ସାଧନକେନ୍ଦ୍ର ସଂଯୋଜକ ବୈକୁଣ୍ଠନାଥ କୋଦମାସିଂହଙ୍କ ସହ ସାଧନକେନ୍ଦ୍ର ସଂଯୋଜକମାନେ ସ୍ୱାଗତ କରିଥିଲେ।

# ବିଶ୍ୱାମିତ୍ର ଆଶ୍ରମରୁ ଫଳ ଭାର ଗଲା ଶ୍ରୀକ୍ଷେତ୍ର



ଚାରିଛକ, ୨୬।୬(ସମିସ): ପ୍ରାଚୀତଟ ବିଶ୍ୱାମିତ୍ର ମଠରୁ ବୁଧବାର ଶ୍ରୀକ୍ଷେତ୍ର ପଠାଗଲା ଫଳ ଭାର। ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନ ପୂର୍ଣ୍ଣିମା ମହାସ୍ନାନ ପ୍ରଭାବରେ ବଡଭାଇ, ସାନ ଭଉଣୀଙ୍କ ସହ ଜ୍ୱର ପିଡିତ ହୋଇ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ଅଣସର ଜ୍ୱର ଉପଚାରରେ ଅଛନ୍ତି। ମହାପ୍ରଭୁଙ୍କ ଜ୍ୱର ଉପଚାର ପାଇଁ ସ୍ୱାଦିଷ୍ଟ ଫଳ ଭାର ଧରି ପ୍ରାଚୀତଟ ବିଶ୍ୱାମିତ୍ର ମଠରୁ ଭକ୍ତମାନେ ନାମ ସଂକିର୍ତ୍ତନ କରି ଶ୍ରୀକ୍ଷେତ୍ରକୁ ଯାତ୍ରା କରିଛନ୍ତି। ଶ୍ରୀକ୍ଷେତ୍ର ହାତୀ ଆଖଡା ମଠ ବିଶ୍ୱାମିତ୍ର ମଠର ମୂଳମଠ ହୋଇଥିବାରୁ ଭକ୍ତମାନେ ମଠ ମହନ୍ତ ଶ୍ରୀ ସୁଖରାମ ଦାସ ମହାରାଜଙ୍କୁ ସାଥିରେ ନେଇ ଶ୍ରୀମନ୍ଦିର ଅଭିମୁଖେ ବାହାରିଛନ୍ତି। ବିଶ୍ୱାମିତ୍ର ମଠ ପରିଚାଳକ ଜଟାବାବା ମଧ ଅଣସର ଫଳ ସମ୍ଭାର ଭାରୁଆ ଓ ସଂକିର୍ତ୍ତନ ମଣ୍ଡଳୀଙ୍କୁ ପରିଚାଳନା କରୁଛନ୍ତି। ଶ୍ରୀମନ୍ଦିର ନୃସିଂହ ଛକଘରେ ସମସ୍ତ ଅମୁଣିଆ ଫଳସମ୍ଭାର ବିଧିବିଧାନ ସହ ଦାଖଲକରି ଚତୁର୍ଦ୍ଧାମୂର୍ତ୍ତିଙ୍କ ପଟ୍ଟଦିଅଁଙ୍କୁ ଦର୍ଶନ କରି ଭକ୍ତମାନେ ପ୍ରାଚୀ କ୍ଷେତ୍ରକୁ ଫେରିଆସିବେ। ଅଖଣ୍ଡ କଳିଙ୍ଗର ମହାରାଜା ଯଯାତି କେଶରୀ ଆଦି ଶଙ୍କରଙ୍କ ମାର୍ଗଦର୍ଶନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରଥମ ନବକଳେବର କରାଇ ଶ୍ରୀମନ୍ଦିରର ସମସ୍ତ ପର୍ବପର୍ବାଣି, ଯାନୀ ଯାତ୍ରା, ପୂଜାବିଧି ପୁନଃ ପ୍ରଚଳନ କରିଥିଲେ। ସେ ମଧ ପ୍ରାଚୀତଟର ମଠ, ମନ୍ଦିର, ଦେବସ୍ଥଳିର ବିକାଶ ଘଟାଇ ଶ୍ରୀମନ୍ଦିର ସହ ଯୋଡିଥିଲେ।ବାରମ୍ବାର ବିଧର୍ମୀଙ୍କ ଦ୍ୱାରା ଶ୍ରୀ ମନ୍ଦିର ଆକ୍ରମଣ ହେବାରୁ ଅନେକ ଦୁର୍ଲଭ ସେବା ବନ୍ଦ ହୋଇଯାଇଥିଲା। ୧୯୯୨ ମସିହାରୁ ବରିଷ୍ଠ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ପ୍ରାଚୀତଟବାସୀଙ୍କ ସହଯୋଗ ନେଇ ଏଦେବ ଦୁର୍ଲଭ ସେବାକୁ ପୁନଃ ପ୍ରଚଳନ କରାଇପାରିଛନ୍ତି।ଏପରିକି ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରଥମାଷ୍ଟମୀ ଭାରସମ୍ଭାର ମଧ ପ୍ରାଚୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ଯିବା ପ୍ରଥା ପ୍ରଚଳିତ ହୋଇଆସୁଅଛି। ପଣ୍ଡିତ ଶ୍ରୀ ମିଶ୍ରଙ୍କ ଏଭଳି ଦେବସେବା କାର୍ଯ୍ୟକୁ ପ୍ରାଚୀ ତଟର ବରିଷ୍ଠ ଐତିହାସିକ ଡଃ ସନ୍ତୋଷ କୁମାର ମିତ୍ର, ଚାରିଛକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ କାହ୍ନୁ ଚରଣ ବେହେରା, ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସମ୍ପାଦକ ବସନ୍ତ କୁମାର ଦାସଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଭୂୟସି ପ୍ରଶଂସା କରିଛନ୍ତି।

# ପରିବାର ଦର ଆକାଶ ଛୁଆଁ



କଣାସ, ୨୬।୬(ସମିସ):ବର୍ତ୍ତମାନ ବଜାରରେ ରାସନଦର ବୃଦ୍ଧି ପାଉଥିବା ବେଳେ ପରିବାଦର ଆକାଶ ଛୁଆଁ ହେବାରେ ଲାଗିଛି। ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ବଜାରରେ ପରିବାଦର ବୃଦ୍ଧି ଯୋଗୁଁ ଦିନ ମଜୁରିଆ ଓ ମଧବିତ୍ତ ଶ୍ରେଣୀର ପରିବାର ରୋଷେଇ ଘରୁ ପରିବା ଉଭାନ ହୋଇଗଲାଣି। କଣାସ ବ୍ଲକର କଣାସ ବଜାର, ଗୋଲା ବଜାର, ଜଙ୍କିଆ ବଜାର, ବିଜିପୁର ବଜାର, କରମଳା ବଜାର, ଗଡ଼ିଶାଗୋଦା ବଜାର, ବଡାଲ ବଜାର, ସାହୁପଡ଼ା ବଜାର, ମନ୍ଦାରବସ୍ତ ବଜାର, ଗଡ଼ଖାରଦ ବଜାର, ଜଙ୍ଘାର ବଜାରରେ ଆଳୁ କେଜି ୪୦ଟଙ୍କା, ପିଆଜ କେଜି ୫୦ଟଙ୍କା ଉପରେ ରହିଥିବା ବେଳେ ଟମାଟ କେଜି ୧୦୦ଟଙ୍କା, ବାଇଗଣ ୮୦ଟଙ୍କା, ପୋଟଳ ୮୦ ଟଙ୍କା, କଲରା ୮୦ଟଙ୍କା ଜହ୍ନି ୫୦ଟଙ୍କା, ଭେଣ୍ଡି ୫୦ଟଙ୍କା, ଅଦା କେଜି ୨୫୦ଟଙ୍କା, ରସୁଣ କେଜି ୨୫୦ଟଙ୍କା, କଖାରୁ କେଜି ୩୦ଟଙ୍କା, ଦେଶି ଆଳୁ କେଜି ୫୦ଟଙ୍କା, ସଜନା ଛୁଇଁ କେଜି ୧୦୦ଟଙ୍କା, ବିନିଛୁଇଁ ୮୦ଟଙ୍କା, ଶାରୁ କେଜି ୬୦ଟଙ୍କା ଦରରେ ବିକ୍ରି ହେଉଥିବାରୁ ଗରିବା ଶ୍ରେଣୀ ଓ ମଧ୍ୟବିତ୍ତ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଜି ଜାଗାରେ ଅଢେଇଶହ ଗ୍ରାମ ପରିବା ନେଇ ଅନେକ ଲୋକ କାମ ଚଳାଉଛନ୍ତି। କଣାସ ଅଞ୍ଚଳରେ ବର୍ତ୍ତମାନ ସମୟରେ ପ୍ରଚୁର ପରିମାଣର କଲରା, ପୋଟଳ, ବାଇଗଣ, ଭେଣ୍ଡି, ଜହ୍ନି, କଖାରୁ ଅମଳ ହେବା କଥା। ଅତ୍ୟଧିକ ରୌଦ୍ରତାପ ଯୋଗୁଁ ପରିବା ଫସଲ କ୍ଷତିଗ୍ରସ୍ତ ହେଉଛି। ବାହାରର ରାଜ୍ୟରୁ ପରିବା ଆସି କଣାସ ଅଞ୍ଚଳରେ ବିକ୍ରି ହେଉଥିବାରୁ ପରିବା ଦର ଅଧିକା ହେଉଥିବା ପରିବା ଦୋକାନୀମାନେ କୁହନ୍ତି। ସେହିପରି ହରଡଡାଲି ୧୮୦ଟଙ୍କା ଓ ଶୋରିଷ ତେଲ ୧୫୦ଟଙ୍କାରୁ ଊର୍ଦ୍ଧ୍ୱ ଏବଂ ଅନ୍ୟାନ୍ୟ ଖାଉଟି ସାମଗ୍ରୀ ଦର ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଜନସାଧାରଣରେ ଦାବି ହେଉଛି।

## ପୁରୀ ପୌରସଂସ୍ଥାର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା

ପୁରୀ, ୨୬।୬(ସମିସ): ପୁରୀ ପୌରସଂସ୍ଥାର ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅଭିମନ୍ୟୁ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶନାମା ବାହାରିଛି। ଶ୍ରୀ ବେହେରା ଏବେ ଜଗତ୍‌ସିଂହପୁରର ଏଡିଏମ୍ ଅଛନ୍ତି। ତେବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କର କେଉଁଠାକୁ ବଦଳି ହୋଇଛି କିମ୍ବା ନାହିଁ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ। ବୁଧବାର ଦ୍ୱିତୀୟ ରଥଯାତ୍ରା ସମନ୍ୱୟ କମିଟି ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୌରସଂସ୍ଥା ପକ୍ଷରୁ କ'ଣ କ'ଣ ବ୍ୟବସ୍ଥା କରାଯାଇଛି ତା' ଉପରେ ଅବଗତ କରାଇଥିଲେ। ରଥଯାତ୍ରା ପାଇଁ ପୌରସଂସ୍ଥା ଯେପରି ଭଲ ଭାବେ ପ୍ରସ୍ତୁତ ହେବ ସେ ନେଇ ଆଇନ ମନ୍ତ୍ରୀ ମଧ ତାଙ୍କୁ କହିଥିଲେ।

### ମନୋଜ ହତ୍ୟା ମାମଲା

## ଚେଙ୍ଗ ଗିରଫ: ଗିରଫ ସଂଖ୍ୟା ୫ ଛୁଇଁଲା

ଖୋର୍ଦ୍ଧା, ୨୬।୬(ସମିସ): ନିଶା କାରବାରକୁ ନେଇ ଗତ ୧୮ ତାରିଖରେ ହୋଇଥିବା ମନୋଜ ହତ୍ୟାକାଣ୍ଡ ଘଟଣା ର ଗିରଫ ସଂଖ୍ୟା ୫ ଛୁଇଁଛି। ପୂର୍ବରୁ ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଥିବାବେଳେ ଗତକାଲି ରାତିରେ ଅନ୍ୟତମ ଅଭିଯୁକ୍ତ ଠେଙ୍ଗାହାଟର ରାକେଶ ବେହେରା ଓରଫ ଚେଙ୍ଗ (୨୫) କୁ ଗିରଫ କରିଛି। ମାତ୍ର ଏ ପର୍ଯ୍ୟନ୍ତ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ନିକଟରେ ପହଁଚି ପାରିନି। ଯାହା ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ପ୍ରକାଶଥାଉକି, ନିଶା କାରବାରକୁ କେନ୍ଦ୍ରକରି ମନୋଜ କୁ ତାର ସହଯୋଗୀ ହତ୍ୟା କରିଥିବା ପୁଲିସ କହିଥିବାବେଳେ ଏହି ଘଟଣାରେ ପୁଲିସ ଗତ ୨୩ ତାରିଖରେ ଖୋର୍ଦ୍ଧା ଗଡ଼ଦ୍ୱାର ସାହିରେ ରହୁଥିବା ପ୍ରସନ୍ନଜିତ ରାଉତରାୟ ଓରଫ ସାଗର (୨୪), ସାମନ୍ତରାପୁର ଧୋବାସାହି ର ୨ଭାଇ ସୁନୀଲ ସେଠି ଓରଫ ସୋନୁ (୨୭) ଓ ସୁସିଲ ସେଠି ଓରଫ କାହ୍ନୁ (୧୯) ଏବଂ ସାମନ୍ତରାପୁର ମଙ୍ଗଳାସାହି ର ଜ୍ଞାନରଞ୍ଜନ ସାହୁ ଓରଫ ରାକା (୨୬) ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଠାରୁ ପୁଲିସ ୨ଟି ବାଇକ (ନଂ-ଓଆର.୦୭ ଜି-୩୮୭୪ ଏବଂ ଓଆର.୨୫ ବି-୨୧୯୨), ୫ଟି ଦାମୀ ମୋବାଇଲ ଫୋନ, ହତ୍ୟାରେ ବ୍ୟବହୃତ କାଜୁଗଛ ର ଭଙ୍ଗା ଡାଳ, ଲଙ୍କାଗୁଣ୍ଡ ପ୍ୟାକେଟ ଓ ପାଣି ବୋତଲ କୁ ଜବତ କରିଥିଲା। ମୃତକ ମନୋଜ ର ମାଆ ସୁକାନ୍ତି ସେଠୀଙ୍କ ଅଭିଯୋଗ କ୍ରମେ ପୁଲିସ ୩୦୨, ୩୬୪, ୧୨୦(ବି), ୩୪ ଆଇପିସିରେ ୨୨୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବାବେଳେ କେବେ ମୁଖ୍ୟଅଭିଯୁକ୍ତ ନିକଟରେ ପୁଲିସ ପହଁଞ୍ଚି ତା ଉପରେ ସମସ୍ତଙ୍କ ନଜର ରହିଛି।

**ମୁଖ୍ୟ ଅଭିଯୁକ୍ତ ଙ୍କୁ ପାଉନି ପୁଲିସ**

### ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ପାଳିତ

# ସଚେତନତା ପଦଯାତ୍ରା ଆୟୋଜନ



ନିମାପଡ଼ା, ୨୬।୬(ସମିସ): ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ୱେଲ ଫେୟାର ଅର୍ଗାନାଇଜେସନ୍ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ନିଶା ସେବନ ଓ ବେଆଇନ ନିଶାକାରବାର ବିରୋଧରେ ଅର୍ନ୍ତଜାତୀୟ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ସଂଗଠନ ପକ୍ଷରୁ ସ୍ଥାନୀୟ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ରଚନା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବାହ୍ନରେ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ସଚେତନତା ପଦଯାତ୍ରା ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ବାହାରି ନିମାପଡ଼ା ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଟାଉନ ହଲ ଠାରେ ପହଞ୍ଚି ଥିଲେ। ପଦଯାତ୍ରାକୁ ନିମାପଡ଼ା ଅତିରିକ୍ତ ତହସିଲଦାର ନୀରଞ୍ଜନ ନାୟକ, ଅବକାରୀ ଅଧିକାରୀ କମ୍ବୁପାଣୀ ସିନ୍ଧୁର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟଙ୍କ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ସ୍ଥାନୀୟ ଟାଉନ ହଲ ପରିସରରେ ସଂଗଠନର ସଭାପତି ଗଗନ ବିହାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ନିମାପଡ଼ା ତହସିଲଦାର ବସନ୍ତ କୁମାର ହାତୀ, ଅତିରିକ୍ତ ତହସିଲଦାର ନୀରଞ୍ଜନ ନାୟକ, ଡକ୍ଟର ଆଶୁତୋଷ ଜେନା, ଅବକାରୀ ବିଭାଗ ଅଧିକାରୀ କୁମ୍ବପାଣି ସିନ୍ଧୁର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ନିଶାର କୁପ୍ରଭାବ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଂଗଠନର ଉପସଭାପତି ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଭାତ ବେହେରା, ବିଶ୍ୱଜିତ ମହାରଥି, ଗୀତିନନ୍ଦା ପଟ୍ଟନାୟକ, ସୁମନ୍ତ କୁମାର ମଲ୍ଲିକ, ଗିରିଶ ଚନ୍ଦ୍ର ମଲ୍ଲିକ, ଦଶରଥ ନାୟକ, ଲିଲି ବଳ, ଜନ୍ମେଜୟ ସ୍ୱାଇଁ, ପୁଷ୍ପେନ୍ଦୁ ଜାନା, ଭବାନୀ ଶଙ୍କର ମହାରଣା, ସୁନିଲ କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିନା କାଗଜପତ୍ରରେ ଚାଲିଛି ବହୁ ଗାଡ଼ି

ନୟାହାଟ, ୨୬।୬(ସମିସ): ସରକାରଙ୍କ ନିୟମ ଅନୁସାରେ ୧୫ରୁ ୨୦ବର୍ଷର ଗାଡି ଗୁଡ଼ିକ ରାସ୍ତାରେ ଚାଲିବାର ନିୟମ ନଥିବା ବେଳେ ନୟାହାଟ ଅଞ୍ଚଳରେ ବିନା କାଗଜପତ୍ରରେ ବହୁ ଗାଡି ଚାଲିଛି। ପ୍ରକାଶ ଯେ ନୟାହାଟ ଅଞ୍ଚଳରେ ଦୁଇ ଚକିଆ ଚୋରା ଗାଡି ବେଆଇନ୍ ଭାବେ ଚାଲିଥିବା ବେଳେ, ଟ୍ରାକ୍ଟର, ଟ୍ରକ୍‌ର ଫିଟିନେସ, ଇନ୍ସୁ୍ୟରାନ୍ସ ନଥାଇ ବେଆଇନ ଭାବେ ଚଳାଚଳ କରୁଛି। କିନ୍ତୁ ପୁଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହା ଫଳରେ ବାଇକ୍ ସଂଖ୍ୟା ବଢୁଥିବା ବେଳେ ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବା ଓ ୧୮ ବର୍ଷରୁ କମ୍ ବୟସର ପିଲା ଦ୍ରୁତ ଗତିରେ ଗାଡି ଚଲାଇବା ଦ୍ୱାରା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବହୁ ଟ୍ରାକ୍ଟରର କାଗଜପତ୍ର ନଥାଇ ବେଆଇନ ଭାବେ ମାଟି ଓ ବାଲି ବୁହାଉଥିବା ଦେଖାଯାଉଛି। ଏମାନଙ୍କ ଉପରେ ତହସିଲ ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ ଧରପଗଡ଼ କରାଯାଉନାହିଁ। ଯାହାଫଳରେ ନୟାହାଟ ଅଞ୍ଚଳରେ ବେଆଇନ୍ ଗାଡି ସଂଖ୍ୟା ବୃଦ୍ଧି ପାଉଛି।

### ଓଡିଆ ବିଶ୍ୱବିଦ୍ୟାଳୟ କେବେ ଛାଡ଼ିବ ପାନ୍ଥନିବାସ ଓ କଲ୍ୟାଣମଣ୍ଡପ

# ଯାତ୍ରୀ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ



ସାକ୍ଷୀଗୋପାଳ, ୨୬।୬(ସମିସ):

ସତ୍ୟବାଦୀରେ ଓଡିଆ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ରାଜ୍ୟ ସରକାର ଆସିଥିବା ଦାବି ଗୁଡିକକୁ ଆଲେଚନା କରି ଓଡିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀରେ କରାଯିବାକୁ ନିଷ୍ପତି ନେଇଥିଲେ। ସାକ୍ଷୀଗୋପିନାଥ ଦେବଙ୍କ ମନ୍ଦିର ପଛ ପାର୍ଶ୍ୱରେ ଥିବା କିଛି ଜମି ଓଡିଆ ବିଶ୍ୱବିଦ୍ୟାଳୟ ପାଇଁ ଗ୍ରହଣ କରି ସେଠାରେ ଘର କାମ ଆରମ୍ଭ ହୋଇଥିଲା। ମାତ୍ର ଠିକ ସମୟରେ ଘର କାମ ନ ସରିବାରୁ ପ୍ରଶାସନିକ ଅଧିକାରୀଙ୍କ ନିଷ୍ପତି ଅନୁସାରେ ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟାଳୟ ପରିସରରେ ଥିବା ପାନ୍ଥନିବାସ ଓ କଲ୍ୟାଣମଣ୍ଡପକୁ ଜୁଲାଇ ମାସରେ ଅସ୍ଥାୟୀ ଭାବେ କାର୍ଯ୍ୟାଳୟ ଆରମ୍ଭ କରାଯାଇଥିଲା। ପରେ ୨୦୨୩ ଅଗଷ୍ଟ ମାସରେ ପିଲାମାନଙ୍କ ନାମ ଲେଖା ଆରମ୍ଭ ହେଲା ସେହି ଅସ୍ଥାୟୀ କାର୍ଯ୍ୟାଳୟ ପରିସରରେ। ଏପରିକି ସେହି ଅସ୍ଥାୟୀ କ୍ୟାମ୍ପସ ପରିସରରେ ୨୦୨୩ସେପ୍ଟେମ୍ବର ୫ ତାରିଖ ଅର୍ଥାତ ଗୁରୁଦିବସରେ ଓଡିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବା ସହ ଓଡିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ଚାଲିଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ୨୦୨୪ ଜାନୁଆରୀ ମାସ ୨୪ ତାରିଖ ଦିନ ଓଡିଆ ବିଶ୍ୱବିଦ୍ୟାଳୟ ନିଜର ସ୍ଥାୟୀ କମ୍ପସ ଉଦ୍‌ଘାଟନ ହେବା ସହ କ୍ଲାସରୁମ, ହଷ୍ଟେଲ, ଅଫିସରୁମ ସମସ୍ତ କାର୍ଯ୍ୟ ଓଡିଆ ବିଶ୍ୱବିଦ୍ୟାଳୟର ନିଜସ୍ୱ କମ୍ପାସରେ ଚାଲିଛି। ମାତ୍ର ସାକ୍ଷୀଗୋପିନାଥ ଦେବଙ୍କ ପାନ୍ଥନିବାସ ଓ କଲ୍ୟାଣମଣ୍ଡପ ଘର ଦୁଇଟି ଚାବି ପକାଇ ଓଡିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରଖିଛନ୍ତି।ସାକ୍ଷୀଗୋପିନାଥ ଦର୍ଶନ କରିବାକୁ ଆସୁଥିବାଯାତ୍ରୀମାନେ ଅଳ୍ପ ପଇସାରେ ଯାତ୍ରୀନିବାସ ବା କଲ୍ୟାଣମଣ୍ଡପ ଘର ଭଡାସୁତ୍ରରେ ନେଇ ରାତ୍ରିଯାପନ କରୁଥିଲେ। ସେହିପରି ସାକ୍ଷୀଗୋପାଳ ଓ ଆଖପାଖ ଅଞ୍ଚଳର ଜନସାଧାରଣ ସେହିପରି ଅଳ୍ପ ପଇସାରେ ଉକ୍ତ ମଣ୍ଡପ ଭଡା ନେଇ ବିବାଘର ଓ ବ୍ରତଘର, ସଭା ସମିତି ଆଦି କାର୍ଯ୍ୟ କରୁଥିଲେ। ଏବେ ଓଡିଆ ବିଶ୍ୱିଦ୍ୟାଳୟ ଘର ଗୁଡିକ ଚାବି ପକାଇ ରଖିବା ଯୋଗୁ ଜନସାଧାରଣ ଓ ଠାକୁରଙ୍କୁ ଦର୍ଶନ କରିବାକୁ ଆସୁଥିବା ଦର୍ଶନାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ନଜର ଦେବାକୁ ଜନସାଧାରଣରେ ଦାବି ହେଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୬ ● ପାଉଣ୍ଡ ୧୦୫.୫୬
- ୟୁରୋ ୮୯.୩୨ ● ୟେନ୍ ୦.୫୨

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୭୬,୦୦୦ (ନୂଆଦିଲ୍ଲୀ)
- ରୁପା : ୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୬୭୪.୦୦
- ନିଫ୍ଟି ୨୩,୮୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ବୁଧବାର ସୁଦ୍ଧା ୧୧,୩୦୦ କୋଟିର ନିଲାମ ଶେଷ




୫-ଜି ସ୍ପେକ୍ଟ୍ରମ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ୫-ଜି ଏୟାରୱେଭ ପାଇଁ ପ୍ରାୟ ୯୬ ହଜାର କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ କାର୍ଯ୍ୟ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିଲା ବେଳେ ବୁଧବାର ସୁଦ୍ଧା ୧୧, ୩୦୦ କୋଟିର ନିଲାମ ଶେଷ ହୋଇଛି। ବିଭିନ୍ନ ଟେଲିକମ ଅପରେଟରମାନଙ୍କ ପାଇଁ ଏହି ନିଲାମ ପ୍ରକ୍ରିୟାରେ ମୋଟ ୧୦ ଜିଗା ହର୍ଜ ରେଡିଓ ୱେଭ ପାଇବାର ବ୍ୟବସ୍ଥା କରାଯାଇଛି। ତେବେ ଏହା ମଧ୍ୟରୁ ବହୁ କମ୍ପାନୀ ୧୧ , ୩୦୦ କୋଟି ଟଙ୍କାର ରେଡିଓ ୱେଭ କ୍ରୟ କରିବାକୁ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା କୁହାଯାଇଛି। ସ୍ପେକ୍ଟ୍ରମ ନିଲାମରେ ଭାଗ ନେଇଥିବା କମ୍ପାନୀଙ୍କ ଲାଗି ୮୦୦ ମେଗା ହର୍ଜ ରୁ ୨୬ ଜିଗା ହର୍ଜ ପର୍ଯ୍ୟନ୍ତ ସ୍ପେକ୍ଟ୍ରମ କ୍ରୟ ଲାଗି ସୁବିଧା ରହିଥିଲା ବେଳେ ଭାରତୀ ଏୟାରଟେଲ ସବୁ ଠାରୁ ବଡ଼ ନିଲାମ ହାତେଇ ଥିବା ଜଣାପଡ଼ିଛି। ଏହି କମ୍ପାନୀ ୯୦୦ ମେଗା ହର୍ଜ, ୧୮୦୦ ଏବଂ ୨୧୦୦ ମେଗା ହର୍ଜ ଏୟାରୱେଭ ପାଇଁ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଛି। ଅନ୍ୟପକ୍ଷରେ ଟେଲିକମ ବଜାରରେ ଆଧିପତ୍ୟ ବିସ୍ତାର କରିଥିବା ରିଲାଏନ୍ସ ଜିଓ କେବଳ ଏକ ନିର୍ଦ୍ଦିଷ୍ଟ ବ୍ୟାଣ୍ଡୱିଥକୁ ନେଇ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା କୁହାଯାଇଛି। ଜିଓ ୧୮୦୦ ମେଗା ହର୍ଜ ବ୍ୟାଣ୍ଡରେ ୫-ଜି କ୍ରୟ କରିବାକୁ ଗୁରୁତ୍ୱ ଦେଇଛି। କିନ୍ତୁ ଭୋଡାଫୋନ ଆଇଡିଆ(ଭିଆଇ) ଏବଂ ଏୟାରଟେଲ ଆଦି କମ୍ପାନୀ ସେମାନଙ୍କ ବ୍ୟାବସାୟିକ ରଣ କୌଶଳକୁ ଆଧାର କରିଏହି ନିଲାମରେ ସାମିଲ ହୋଇଛନ୍ତି। ବିଶେଷକରି ଯେଉଁ ସର୍କଲରେ ସେମାନଙ୍କ ଲାଇସେନ୍ସ ଚଳିତ ବର୍ଷ ଶେଷ ହେବାକୁ ଯାଉଛି ତାହାକୁ ନେଇ ଏହିସବୁ କମ୍ପାନୀ ଆବଶ୍ୟକ ବ୍ୟାଣ୍ଡ ହାତେଇବାକୁ ନିଲାମରେ ସାମିଲ ହୋଇଥିବା କୁହାଯାଇଛି।

## ଓଡ଼ିଶାରେ ୩୫୯ କୋଟିର ବିଡ୍

ଓଡ଼ିଶାରେ ୫ଜି ସ୍ପେକ୍ଟ୍ରମ୍ କ୍ରୟ ଲାଗି ୩୫୯ କୋଟି ଟଙ୍କାର ବିଡ୍ ଦାଖଲ ହୋଇଛି। ଦୁଇଟି ବ୍ୟାଣ୍ଡ ୯୦୦ ମେଗାହର୍ଜ ଓ ୧୮୦୦ ମେଗାହର୍ଜରେ ବିଭିନ୍ନ କମ୍ପାନୀ ବିଡ୍ ଦାଖଲ କରିଛନ୍ତି। ୯୦୦ ମେଗାହର୍ଜରେ ୨୫ଟି ବ୍ଲକ୍ ପାଇଁ ବିଡ୍ ଆସିଥିବା ବେଳେ ୧୭ଟି ବ୍ଲକ୍ ଫାଙ୍କା ରହିଛି। ବ୍ଲକ୍ ପିଛା ମୂଲ୍ୟ ୧୨.୮୦ କୋଟି ଟଙ୍କା ରହିଛି। ସେହିପରି, ୧୮୦୦ ମେଗାହର୍ଜରେ ୫ଟି ବ୍ଲକ୍ ପାଇଁ ବିଡ୍ ଆସିଥିବା ବେଳେ ୩୯ଟି ବ୍ଲକ୍ ଫାଙ୍କା ରହିଛି। ଏହି ବ୍ୟାଣ୍ଡରେ ବ୍ଲକ୍ ପିଛା ନିଲାମ ରାଶି ୭.୮ କୋଟି ଟଙ୍କା ରହିଛି।ଓଡ଼ିଶାରେ ଏୟାରଟେଲ୍ ଏହାର ସ୍ପେକ୍ଟ୍ରମ୍ ନବୀକରଣ କରିବାର ଥିବାରୁ ଏହା ନିଶ୍ଚିତ ରୂପେ ରାଜ୍ୟ ପାଇଁ ୫ଜି ସ୍ପେକ୍ଟ୍ରମ କିଣିବ ବୋଲି ଆଶା କରାଯାଉଛି।

## ହାଇ-ସ୍ପିଡ଼ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଜିଓ ଏୟାରଫାଇବର୍ ଅଗ୍ରଣୀ: ଓପନ୍ ସିଗନାଲ୍ ରିପୋର୍ଟ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ଜିଓର ଷ୍ଟାଣ୍ଡାଲୋନ୍ ୫ଜି ନେଟୱାର୍କ ବଳରେ ଜିଓ ଏୟାରଫାଇବର ଗ୍ରାହକଙ୍କୁ ଉତ୍କୃଷ୍ଟ ବେଗରେ ହାଇ ସ୍ପିଡ଼ ଡାଟା ଯୋଗାଇବାରେ ସକ୍ଷମ ହୋଇଥିବା ଆନ୍ତର୍ଜାତିକ ମୋବାଇଲ୍ ନେଟୱାର୍କ ଆନାଲିଟିକ୍ସ କମ୍ପାନୀ ଓପନ୍ ସିଗନାଲ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ଓପନ୍ ସିଗନାଲ୍ କହିବା ଅନୁଯାୟୀ ଜିଓର ଫିକ୍ସଡ୍ ୱେରଲେସ ସେବା ଜିଓ ଏୟାରଫାଇବରରେ ଗ୍ରାହକମାନେ ମାସକୁ ହାରାହାରି ୪୦୦ ଜିବି ଡାଟା ବ୍ୟବହାର କରୁଛନ୍ତି। ମୋବାଇଲ୍ ଗ୍ରାହକଙ୍କ ତୁଳନାରେ ଏହି ପରିମାଣର ଡାଟା ବ୍ୟବହାର ବେଶ ଅଧିକ। ଏହା ସତ୍ତ୍ୱେ ଜିଓ ଏୟାରଫାଇବରର ବେଗ ଏବଂ ଗୁଣାତ୍ମକ ସ୍କୋର ୫ଜି ମୋବାଇଲ୍ ନେଟୱାର୍କ ଭଳି ସମାନ ରହିଛି। ଉଲ୍ଲେଖଯୋଗ୍ୟ ଯେ ଜିଓର ୫ଜି ନେଟୱାର୍କର ବେଗ ଦେଶରେ ସର୍ବାଧିକ। ଭାରତରେ ଫିକ୍ସଡ୍ ୱେରଲେସ ସେବା ମଧ୍ୟରେ ଏବେ କେବଳ ରିଲାଏନ୍ସ ଜିଓ ଷ୍ଟାଣ୍ଡାଲୋନ୍ ୫ଜି ନେଟୱାର୍କ ବ୍ୟବହାର କରୁଛି। ଓପନ୍ ସିଗନାଲ୍ ଅନୁଯାୟୀ, ଷ୍ଟାଣ୍ଡାଲୋନ୍ ୫ଜି ସହିତ ନେଟୱାର୍କ ସ୍ଲାଇସିଂ ଟେକ୍ନୋଲୋଜି ମଧ୍ୟ ଜିଓ ଏୟାରଫାଇବରକୁ ଡାଟା ବ୍ୟବହାର ପରିଚାଳନା କରିବାରେ ସାହାଯ୍ୟ କରୁଛି। ରିପୋର୍ଟରେ କୁହାଯାଇଛି ଯେ ଏହି ଟେକ୍ନୋଲୋଜିର ଲାଭକୁ ବିଚାର କରି ଏୟାରଟେଲ ମଧ୍ୟ ଷ୍ଟାଣ୍ଡାଲୋନ ୫ଜି ନେଟୱାର୍କରେ ଫିକ୍ସଡ୍ ୱେରଲେସ ସେବା ଆଣିବାକୁ ପ୍ରସ୍ତୁତ ହେଉଛି।

## ସ୍ୱାଇଟ୍ ଆଗ୍ରୋ ଲିଃର ରାଇଟ୍‌ସ୍ ଇସ୍ୟୁ

ଅହମଦାବାଦ,୨୬।୬(ଏଜେନ୍ସି): କୃଷି, ଚୁକ୍ତିଭିତ୍ତିକ ଚାଷ, ଗ୍ରୀନ୍‌ହାଉସ ପ୍ରଯୁକ୍ତି ଆଦି ବ୍ୟବସାୟରେ ନିୟୋଜିତ ଥିବା ଅହମଦାବାଦସ୍ଥିତ ସ୍ୱାଇଟ ଆଗ୍ରୋ ଲିମିଟେଡ (ବିଏସ୍‌ଇ-୫୩୧୨୦୫)ର ୪୪.୮୭ କୋଟି ଟଙ୍କାର ରାଇଟ୍‌ସ୍ ଇସ୍ୟୁ ସବ୍‌ସ୍କ୍ରିପ୍‌ସନ ନିମନ୍ତେ ଉନ୍ମୁକ୍ତ କରିଛି। ଏହି ଇସ୍ୟୁ ଜରିଆରେ ସଂଗୃହୀତ ପାଣ୍ଠିକୁ କମ୍ପାନୀର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ଏବଂ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟ ସମେତ ସମ୍ପ୍ରସାରଣରେ ବିନିଯୋଗ କରାଯିବ। କମ୍ପାନୀର ସେୟାର ପିଛା ମୂଲ୍ୟ ୨୦୨୪ ଜୁନ୍ ୨୧ ତାରିଖରେ ବନ୍ଦ ହେବା ସମୟରେ ୪୫.୭୯ ଟଙ୍କା ଥିବାବେଳେ ତାହାର ରାଇଟ୍‌ସ୍ ଇସ୍ୟୁ ସେୟାର ପିଛା ୧୩.୪ ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଛି। ରାଇଟ୍‌ସ୍ ଇସ୍ୟୁ ୨୦୨୪ ଜୁଲାଇ ୧୨ରେ ବନ୍ଦ ହେବ। କମ୍ପାନୀ ପ୍ରତ୍ୟେକ ୧ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ୩,୩୪,୮୪,୭୧୧ ଫୁଲି ପେଡ୍-ଅପ ଇକ୍ୱିଟି ସେୟାରକୁ ପ୍ରତି ଇକ୍ୱିଟି ସେୟାର ପିଛା ୧୩.୪ ଟଙ୍କା ନଗଦ ଅର୍ଥ ମୂଲ୍ୟରେ (ପ୍ରତି ଇକ୍ୱିଟି ସେୟାର ପିଛା ୧୨.୪ ଟଙ୍କା ପ୍ରିମିୟମ ସହିତ) ମୋଟ ୪୪.୮୭ କୋଟି ଟଙ୍କା ମୂଲ୍ୟରେ ଯୋଗାଇ ଦେବ। ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟ୍‌ସ୍ ଏନଟାଇଟଲମେଣ୍ଟ ଅନୁପାତ ୧:୧୫ ଧାର୍ଯ୍ୟ କରାଯାଇଛି (ରେକର୍ଡ ତାରିଖ ୨୦୨୪ ଜୁନ୍ ୭ରେ ଇକ୍ୱିଟି ଅଂଶୀଦାରଙ୍କ ଦ୍ୱାରା ଧାରଣ କରାଯାଉଥିବା ପ୍ରତି ୧୫ଟି ଫୁଲି-ପେଡ୍ ଇକ୍ୱିଟି ସେୟାର ପିଛା ପ୍ରତ୍ୟେକ ୧ ଟଙ୍କା ଫେସ୍ ଭାଲ୍ୟୁର ୧ଟି ରାଇଟ୍‌ସ୍ ଇକ୍ୱିଟି ସେୟାର)। ରାଇଟ୍‌ସ୍ ଏନ୍‌ଟାଇଟଲମେଣ୍ଟର ଅନ୍‌ମାର୍କେଟ ଅଧିକାରଗୁଡିକ ତ୍ୟାଗ କରିବାର ଶେଷ ତାରିଖ ୨୦୨୪ ଜୁଲାଇ ୮ ରଖାଯାଇଛି।ଇସ୍ୟୁରୁ ସଂଗୃହୀତ ହେବାକୁ ଥିବା ୪୪.୮୭ କୋଟି ଟଙ୍କା ମଧ୍ୟରୁ କମ୍ପାନୀ ୩୪.୧୫ କୋଟି ଟଙ୍କା କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ଏବଂ ୧୦.୩୨ କୋଟି ଟଙ୍କା ସାଧାରଣ କର୍ପୋରେଟ ଉଦ୍ଦେଶ୍ୟରେ ବିନିଯୋଗ କରିବା ଇଚ୍ଛା ରଖିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୯୪ରେ ସ୍ଥାପିତ ସ୍ୱାଇଟ ଆଗ୍ରୋ ଲିମିଟେଡ ପୂର୍ବରୁ ଟାଇନ୍ ଆଗ୍ରୋ ଲିମିଟେଡ ନାମରେ ପରିଚିତ, କୃଷିଭିତ୍ତିକ ଏବଂ ଜଙ୍ଗଲଭିତ୍ତିକ କାର୍ଯ୍ୟକଳାପ ବିକଶିତ କରୁଛି।

## ବିଭିନ୍ନ କ୍ଷେତ୍ରରେ ଓଡ଼ିଶା-ୟୁଏଇ ସହଯୋଗ ବୃଦ୍ଧି ପାଇଁ ପ୍ରୟାସ | ଇଣ୍ଡିଆ ସିଇପିଏ କାଉନ୍‌ସିଲ ଏବଂ ଆଇସିସି ମଧ୍ୟରେ ବୈଠକ




ଭୁବନେଶ୍ୱର,୨୬।୬(ସମିସ): ଓଡ଼ିଶା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରି ବାଣିଜ୍ୟିକ କାରବାର ତ୍ୱରାନ୍ୱିତ କରିବା ଲାଗି ୟୁଏଇ-ଇଣ୍ଡିଆ ସିଇପିଏ କାଉନ୍‌ସିଲ (ୟୁଆଇସିସି) ଓ ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ସହଭାଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁଏଇ-ଇଣ୍ଡିଆ କମ୍ପ୍ରିହେନ୍‌ସିଭ ଇକୋନୋମିକ ପାର୍ଟନରସିପ ଏଗ୍ରିମେଣ୍ଟ (ସିଇପିଏ)ର ଫାଇଦା ଉଠାଇବାକୁ ଓଡ଼ିଶାର ପ୍ରାୟ ୩୦ ବ୍ୟବସାୟିକ ସଂସ୍ଥାକୁ ନେଇ ଏକ ବିଜିନେସ୍ ରାଉଣ୍ଡଟେବଲ୍ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଭାରତରେ ଅବସ୍ଥାପିତ ୟୁଏଇ ରାଷ୍ଟ୍ରଦୂତ ଅବଦୁଲନାସେର ଆଲ୍‌ଶାଲି ୟୁଏଇ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବାବେଳେ ଅହମଦ ଅଲ୍‌ଜନିବି, ଡାଇରେକ୍ଟର ୟୁଆଇସିସି, ମହମ୍ମଦ ହସିବ, ଷ୍ଟ୍ରାଟେଜିକ କଣ୍ଟ୍ରି ମ୍ୟାନେଜର- ଇଣ୍ଡିଆ, ରାସ୍ ଅଲ୍ ଖାଇମାହ୍ ଇକୋନୋମିକ ଜୋନ୍ (ଆର୍‌ଏକେଇଜେଡ) ଏବଂ ଯୋଗପାଲ ସିଂ, ଡାଇରେକ୍ଟର, କର୍ପୋରେଟ ଆଫେୟାର୍ସ, ଡିପି ୱର୍ଲଡ ସାମିଲ ଥିଲେ। ୟୁଏଇ ପାଇଁ ଓଡ଼ିଶାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ସମ୍ମାନନୀୟ ଡ.ଅଲ୍‌ଶାଲି କହିଥିଲେ, "ୟୁଏଇ-ଭାରତ ଦ୍ୱିପାକ୍ଷିକ ଅଂଶୀଦାରୀତାକୁ ସମର୍ଥନ କରିବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାର ଉଚ୍ଚ ବିକଶିତ ଖଣିଜ ଏବଂ ଶିଳ୍ପ କ୍ଷେତ୍ର ଏବଂ ମଜଭୁତ ମାନବ ସମ୍ବଳ ୟୁଏଇ ନିବେଶକଙ୍କ ନିମନ୍ତେ ପ୍ରମୁଖ ଆଗ୍ରହ ପାଲଟିଛି।

ଆମେ ଦୃଢ ନିଶ୍ଚିତ ଯେ , ଆଜିର କାର୍ଯ୍ୟକ୍ରମ ଓଡ଼ିଶାରେ ବ୍ୟବସାୟିକ ସଂସ୍ଥାଗୁଡିକ ନିମନ୍ତେ ବହୁବିଧ ଅର୍ଥନୈତିକ, ବାଣିଜ୍ୟ ଏବଂ ନିବେଶ ସୁଯୋଗର ଫାଇଦା ଉଠାଇବାକୁ ସୁନିଶ୍ଚିତ କରିବା ଦିଗରେ ଉପଯୋଗୀ ହେବ। ଯାହା ସିଇପିଏ ଚୁକ୍ତି ଜରିଆରେ ଯୋଗାଇ ଦିଆଯିବ। ୨୦୨୩-୨୪ ଆର୍ଥିକ ବର୍ଷରେ ୟୁଏଇ ଏବଂ ଓଡ଼ିଶା ମଧ୍ୟରେ ବାଣିଜ୍ୟ କାରବାର ୨.୬୩ ବିଲିୟନ ଡଲାରରେ ପହଞ୍ଚିଥିଲା ବେଳେ ଭାରତର ବିଭିନ୍ନ ରାଜ୍ୟ ମଧ୍ୟରୁ ୟୁଏଇ ପାଇଁ ଓଡ଼ିଶା ଅଷ୍ଟମ ବୃହତ୍ ବାଣିଜ୍ୟିକ ଅଂଶୀଦାର ଥିଲା ବୋଲି କୁହାଯାଇଛି। ଏହି ଗଠନମୂଳକ ବାଣିଜ୍ୟ ସମ୍ପର୍କକୁ ଅଧିକ ସୁଦୃଢ କରିବା ଏବଂ ପାରସ୍ପରିକ ଫାଇଦାଜନକ ଅଭିବୃଦ୍ଧି ନିମନ୍ତେ ନୂତନ ସୁଯୋଗ ଅନୁସନ୍ଧାନ କରିବା ଜରୁରୀ ହୋଇଛି। ଆଇସିସି ସହିତ ଅଂଶୀଦାର ବ୍ୟବସ୍ଥାରେ ୟୁଆଇସିସି ଓଡ଼ିଶାର ବ୍ୟବସାୟ ସଂସ୍ଥାଗୁଡିକୁ ସେମାନଙ୍କର ଆନ୍ତର୍ଜାତିକ ବାଣିଜ୍ୟ ଓ ନିବେଶ ଆକାଂକ୍ଷା ପୂରଣ ନିମନ୍ତେ ସମର୍ଥନ କରିବାକୁ ପ୍ରତିବଦ୍ଧ ରହିଥିବା କୁହାଯାଇଛି।

## ହିନ୍ଦୁଜା ପରିବାର ସଦସ୍ୟଙ୍କ ବିରୋଧରେ ଆସିଥିବା ଦଣ୍ଡବିଧାନ ଖାରଜ

ନୂଆଦିଲ୍ଲୀ,୨୬।୬(ଏଜେନ୍ସି): ଅନ୍ୟତମ ପ୍ରମୁଖ ଶିଳ୍ପଗୋଷ୍ଠୀ ହିନ୍ଦୁଜା ପରିବାରର ଚାରି ସଦସ୍ୟ ତଥା ସ୍ୱିଜରଲ୍ୟାଣ୍ଡ ନାଗରିକ କମଲ ଏବଂ ପ୍ରକାଶ ହିନ୍ଦୁଜା, ନମ୍ରତା ଏବଂ ଅଜୟ ହିନ୍ଦୁଜାଙ୍କୁ କୌଣସି ଘଟଣାରେ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ କିମ୍ବା ସେମାନଙ୍କ ବିରୋଧରେ ଦଣ୍ଡ ବିଧାନ କରାଯାଇ ନାହିଁ ବୋଲି ଏହି ପରିବାର ପକ୍ଷରୁ ସୂଚିତ କରାଯାଇଛି। ସ୍ୱିସ୍ ଆଇନ ପ୍ରଣାଳୀ ଅନୁଯାୟୀ, ସର୍ବୋଚ୍ଚ ଟ୍ରିବ୍ୟୁନାଲ୍ ଦ୍ୱାରା ଚୂଡ଼ାନ୍ତ ରାୟ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ନିମ୍ନ ଅଦାଲତର ରାୟ ପ୍ରଭାବ ହୀନ ରହିବା ସହିତ କାର୍ଯ୍ୟକାରୀ ହୋଇନଥାଏ। ତେବେ ଏହି ୪ ସଦସ୍ୟଙ୍କ ବିରୋଧରେ ଯେଉଁ ସବୁ ଗୁରୁତର ଅଭିଯୋଗ ଆସିଥିଲା ତାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ଖାରଜ ହୋଇଯାଇଛି ।ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଏହି ମାମଲାରେ କୌଣସି ଅଭିଯୋଗକାରୀ ନାହାଁନ୍ତି । ଏହାବ୍ୟତୀତ ଯେଉଁମାନେ ଏହି ୪ ସଦସ୍ୟଙ୍କ ବିରୋଧରେ ମାନବଚାଲାଣ ସହିତ ଅନ୍ୟ କିଛି ଅଭିଯୋଗ ଆଣିଥିଲେ ସେମାନେ କୋର୍ଟରେ ଘୋଷଣା କରିଛନ୍ତି ଯେ , ଅଭିଯୋଗ ପତ୍ରରେ ଦସ୍ତଖତ କରିବାକୁ ସେମାନଙ୍କୁ କୁହାଯାଇଥିଲା। ଯେଉଁ ଅଭିଯୋଗ ପତ୍ରକୁ ସେମାନେ ବି ବୁଝି ନଥିଲେ।

## ହାୟର ଇଣ୍ଡିଆ ପକ୍ଷରୁ କିନୌଚି ଡାର୍କ ଏଡିସନ ଏୟାର କଣ୍ଡିସନର

ଭୁବନେଶ୍ୱର,୨୬।୬(ସମିସ): ଭାରତୀୟ ଇଲେକଟ୍ରୋନିକ୍ସ ଉପକରଣ ବଜାରରେ ହାୟର ଆପ୍ଲିୟାନସର ଚାହିଦା ବୃଦ୍ଧି ପାଇ ଚାଲିଥିଲା ବେଳେ କମ୍ପାନୀ ପକ୍ଷରୁ ଗ୍ରାହକ ଚାହିଦାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ସାମଗ୍ରୀ ଉପଲବ୍ଧ କରାଯାଇଛି। ଏହିକ୍ରମରେ କମ୍ପାନୀ ପକ୍ଷରୁ କିନୌଚି ଡାର୍କ ଏଡିସନ ଏୟାର କଣ୍ଡିସନରର ବଜାର ପ୍ରବେଶ ଘୋଷଣା କରାଯାଇଛି ।ନୂତନ ପ୍ରଯୁକ୍ତି ବିଦ୍ୟା ଆଧାରିତ ଏହି ଏୟାର କଣ୍ଡିସନର ୧୦ ମିନିଟରେ କୁଲିଂ, ଫ୍ରଷ୍ଟ ସେଲଫ କ୍ଲିନ ପ୍ରଯୁକ୍ତି, ହେକ୍ସା ଇନଭର୍ଟର ପ୍ରଯୁକ୍ତି, ଇଣ୍ଟେଲି କନଭର୍ଟିବଲ ୭ଇନ୧ ଓ ଅନ୍ୟାନ୍ୟ ସୁବଧା ରହିଛି। ଉନ୍ନତ ଜ୍ଞାନ କୌଶଳ ସହ ଏହା ୧.୬ ଟନ ଓ ୧.୦ ଟନରେ ଉପଲବ୍ଧ ହେବ ।ସ୍ୱଦେଶୀ ଉତ୍ପାଦ ପାଇଁ କମ୍ପାନୀର ପ୍ରତିଶ୍ରୁତି ସ୍ୱରୂପ ହାୟର ଇଣ୍ଡିଆ କ୍ରମାଗତ ଭାବରେ




ଗ୍ରାହକଙ୍କ ଚାହିଦା ଅନୁସାରେ ଉତ୍ପାଦ ପ୍ରସ୍ତୁତ କରୁଛି। ନୂଆ ଶୁଭାରମ୍ଭ ବିଷୟରେ ସୂଚନା ଦେଇ କମ୍ପାନୀ ଅଧ୍ୟକ୍ଷ ଏନଏସ ସତୀଶ କହିଛନ୍ତି ଯେ ହାୟର ଇଣ୍ଡିଆରେ ଗ୍ରାହକଙ୍କ ବିକାଶମୂଳକ ଆବଶ୍ୟକତାକୁ ପ୍ରାଥମିକତା ଦେବା ଆମର ନୈତିକ ଦାୟିତ୍ୱ। ବର୍ଷ ବର୍ଷ ଧରି ଆମେ ଅଭିନବ ସମାଧାନ ଦ୍ୱାରା ଦୈନନ୍ଦିନ ଜୀବନକୁ ଅଧିକ ସ୍ମାର୍ଟ, ସୁବିଧାଜନକ ଓ ଆରାମଦାୟକ କରିବାକୁ ଚେଷ୍ଟା କରୁଛୁ। ଆମେ ଉତ୍ପାଦଗୁଡ଼ିକୁ ଇକୋ ସିଷ୍ଟମକୁ କ୍ୟୁରେଟ କରିବା ଉପରେ ଧ୍ୟାନ ଦେଉଛୁ। ଗ୍ରାହକ ଅନୁପ୍ରାଣିତ ଭାବନାକୁ ନେଇ ଉତ୍ପାର ପ୍ରସ୍ତୁତି, ଅତ୍ୟାଧୁନିକ ସଂସ୍କରଣ, ବଜାର ଉପଯୋଗୀ ପ୍ରିମିୟମ ଉତ୍ପାଦ ପ୍ରସ୍ତୁତ କରୁଛୁ ବୋଲି ସେ କହିଛନ୍ତି।

## ଆମାଜନ ପ୍ରାଇମ୍‌ର 'ସବ୍ ମେଁ ଠୁ ମଚ୍' ୨.୦ ଅଭିଯାନ

ଭୁବନେଶ୍ୱର,୨୬।୬(ସମିସ): ଗ୍ରାହକମାନଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ଦେବା ଉଦ୍ଦେଶ୍ୟରେ ଆମାଜନ୍ ପ୍ରାଇମ୍ 'ଜୟଅଫ୍ ମୋର ଆବିଷ୍କାର କରିବାର ସୁଯୋଗ ପ୍ରଦାନ କରିଛି। ଏକକ ସଦସ୍ୟତା ସହିତ ଗ୍ରାହକମାନଙ୍କୁ ପଢ଼ିବା, ଗେମିଂ ଏବଂ ସଙ୍ଗୀତ ଠାରୁ ଆରମ୍ଭ କରି ସଫିଂ, ଶିପିଂ, ମନୋରଞ୍ଜନ ଭଳି ଅନେକ ସୁବିଧା ଉପଲବ୍ଧ କରିବା ଉଦ୍ଦେଶ୍ୟରେ 'ସବ୍ ମେଁ ଠୁ ମଚ୍ '୨.୦ ଅଭିଯାନ ଘୋଷଣା କରାଯାଇଛି। ଏହା ଏକ ଟେଲିଭିଜନ ଏବଂ ଡିଜିଟାଲ୍ ବିଜ୍ଞାପନ ଯାହା ପଡ଼ୋଶୀମାନଙ୍କ ମଧ୍ୟରେ ଜୀବନର ପରିସ୍ଥିତିକୁ ପ୍ରଦର୍ଶିତ କରିଥାଏ। ଏହାବ୍ୟତୀତ ମାଗଣାରେ ସମାନ ଦିନର ଡେଲିଭରି, ଅସୀମିତ ସଂଚୟ ଏବଂ ବ୍ଲକବଷ୍ଟର ମନୋରଞ୍ଜନ ମାଧ୍ୟମରେ ପ୍ରାଇମ ସଦସ୍ୟତା ପ୍ରଦାନ କରିଥାଏ। ଏହି ଅଭିଯାନ ନୂତନ ଗ୍ରାହକଙ୍କ ପାଇଁ ପ୍ରାଇମ୍ ସଦସ୍ୟତା ବିଷୟରେ ଏକ ଆକାଂକ୍ଷା ସୃଷ୍ଟି କରିବା ସହିତ ବର୍ତ୍ତମାନର ଗ୍ରାହକମାନଙ୍କ ପାଇଁ ଲାଭ ଉପରେ ଆଲୋକପାତ କରିଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ଦୁଇଟି ଟିଭିସି (ମଲ୍ଟି-ବେନିଫିଟ୍ ସ୍ପିଡ୍) ସ୍ପିଡ୍, ସଂଚୟ ଏବଂ ବ୍ଲକବଷ୍ଟର ମନୋରଞ୍ଜନର ଲାଭକୁ ପ୍ରଦର୍ଶନ କରୁଛି। ଉଭୟ ଫିଲ୍ମ ରେ ସମାନ ଦିନ ଡେଲିଭରୀ ସହିତ ଆମାଜନ ପେ' ଆଇସିଆଇସିଆଇ କ୍ରେଡିଟ କାର୍ଡ ଉପରେ ୫% କ୍ୟାସବ୍ୟାକ୍, ବ୍ୟାପକ ଚୟନ ଏବଂ ମନୋରଞ୍ଜନ ଭଳି ଅନ୍ୟାନ୍ୟ ପ୍ରାଇମ ସୁବିଧା ଉପଲବ୍ଧ କରାଯାଇଛି ବୋଲି ଆମାଜନ ଇଣ୍ଡିଆର ଗ୍ରୋଥ୍ ଓ କଞ୍ଜୁମର ମାର୍କେଟିଂ ଡାଇରେକ୍ଟର ପ୍ରଜ୍ଞା ଶର୍ମା କହିଛନ୍ତି।

## ଓଲା ଇଲେକ୍‌ଟ୍ରିକ ପକ୍ଷରୁ 'ଇଲେକ୍‌ଟ୍ରିକ ରଶ୍' ଅଫର୍‌ର ଶୁଭାରମ୍ଭ

ଭୁବନେଶ୍ୱର ,୨୬।୬(ଏଜେନ୍ସି): ଓଲା ଇଲେକ୍‌ଟ୍ରିକ ପକ୍ଷରୁ 'ଓଲା ଇଲେକ୍‌ଟ୍ରିକ ରଶ୍' ଅଭିଯାନର ଅଂଶ ଭାବେ ଏସ୍ ୧ ପୋର୍ଟଫୋଲିଓ ଉପରେ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ଅଫର୍ ଘୋଷଣା କରାଯାଇଛି। ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ଥିବା ଏହି ଅଫରଗୁଡିକରେ ଏସ୍୧ ଏକ୍ସ+ ଉପରେ ୫୦୦୦ ଟଙ୍କାର ରିହାତି ଏବଂ ଏସ୍୧ ପ୍ରୋ ଓ ଏସ୍୧ ଏୟାର ଉପରେ ୨୫୦୦ ଟଙ୍କାର ରିହାତି ରହିଛି। ଗ୍ରାହକମାନେ ଏସ୍୧ ଏକ୍ସ+ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଏକ୍ସଚେଞ୍ଜ ବୋନସ୍ ସମେତ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଲାଭ ପାଇପାରିବେ ଏବଂ ସମଗ୍ର ଏସ୍୧ ପୋର୍ଟଫୋଲିଓ ଉପରେ ନିର୍ଦ୍ଦିଷ୍ଟ କ୍ରେଡିଟ କାର୍ଡ ଇଏମ୍‌ଆଇରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ପାଇପାରିବେ ।ଓଲା ଇଲେକ୍‌ଟ୍ରିକ ଗ୍ରାହକଙ୍କ ଭିନ୍ନ ଭିନ୍ନ ରେଞ୍ଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆକର୍ଷଣୀୟ ମୂଲ୍ୟରେ ୬ଟି ଅଫରିଙ୍ଗ୍ ସହିତ ଏକ ବିସ୍ତୃତ ଏସ୍୧ ପୋର୍ଟଫୋଲିଓ ପ୍ରଦାନ କରୁଛି। ନିକଟରେ ଏହା ଏସ୍୧ ଏକ୍ସ ପୋର୍ଟଫୋଲିଓ ସହିତ ମାସ୍-



ମାର୍କେଟ୍ ସେଗ୍‌ମେଣ୍ଟ୍‌ରେ ନିଜର ପ୍ରବେଶକୁ ଚିହ୍ନିତ କରିଥିଲା।

୩ଟି ବ୍ୟାଟେରୀ କନ୍‌ଫିଗରେଶନ (୨କେଡବ୍ଲ୍ୟୁଏଚ୍, ୩ କେଡବ୍ଲ୍ୟୁଏଚ୍ ଓ ୪ କେଡବ୍ଲ୍ୟୁଏଚ୍)ରେ ଉପଲବ୍ଧ ଏହି ସ୍କୁଟରଗୁଡିକର ମୂଲ୍ୟ ଯଥାକ୍ରମେ ୭୪,୯୯୯ ଟଙ୍କା, ୮୪୯୯୯ ଟଙ୍କା ଓ ୯୯,୯୯୯ ଟଙ୍କା ରହିଛି। ଏହାବ୍ୟତୀତ ଏହାର ପ୍ରିମିୟମ ଅଫରିଙ୍ଗ୍‌ଗୁଡିକରେ ଏସ୍୧ ପ୍ରୋ, ଏସ୍୧ ଏୟାର ଓ ଏସ୍୧ ଏକ୍ସ+ ସାମିଲ ରହିଛି ଯାହାର ମୂଲ୍ୟ ଯଥାକ୍ରମେ ୧୨୯,୯୯୯ ଟଙ୍କା, ୧୦୪,୯୯୯ ଟଙ୍କା ଓ ୮୯,୯୯୯ ଟଙ୍କା ରହିଛି।କମ୍ପାନୀ ପକ୍ଷରୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ଉତ୍ପାଦଗୁଡିକର ସମଗ୍ର ଶୃଙ୍ଖଳା ପାଇଁ ଏକ ୮ ବର୍ଷ / ୮୦,୦୦୦ କିମିର ଏକ୍ସଟେଣ୍ଡେଡ ବ୍ୟାଟେରୀ ୱାରେଣ୍ଟି ପ୍ରଦାନ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ସ୍ୱାଭାବିକ ପ୍ରସବକୁ ପ୍ରୋତ୍ସାହନ**

## ଅଙ୍କୁରା ହସ୍ପିଟାଲ ପକ୍ଷରୁ 'ମେଗା ବେବି ସାୱାର' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୬(ଏଜେନ୍ସି): ମାତୃତ୍ୱ ଲାଭ ସହ ଗର୍ଭବତୀଙ୍କ ମୁହଁରେ ହସ ଫୁଟାଇବା ଲାଗି ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍ପିଟାଲ ସ୍ୱାଭାବିକ ପ୍ରସବକୁ ପ୍ରୋତ୍ସାହିତ କରୁଛି। ଏହିକ୍ରମରେ ୨୦୦ରୁ ଅଧିକ ଗର୍ଭବତୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମୁହଁରେ ହସ ଫୁଟାଇବା ଲାଗି ଏହି ହସ୍ପିଟାଲ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ମେଗା ବେବି ସାୱାର' ନାମକ ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଏକ ନିଆର ଅନୁଭୂତି ପ୍ରଦାନ କରାଯାଇଥିଲା ବେଳେ ଗର୍ଭଧାରଣ ଉତ୍ସବ ପାଳନ କରିବା ଓ ସାଧାରଣ ପ୍ରସବ ଲାଭ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡକ୍ଟର ଜିଏସଏସ ମହାପାତ୍ର, ଡକ୍ଟର ବିଚିତ୍ରାନନ୍ଦ ରାଉତ, ଡକ୍ଟର ଲୀନା ଦାସ, ଡକ୍ଟର ମୋନାଲିସା ନାୟକ, ଡକ୍ଟର ରମାମଞ୍ଜରୀ ନାୟକ, ଡକ୍ଟର ସୌମ୍ୟା ଦାସ ଓ ଡକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଅଙ୍କୁରା ହସପିଟାଲ ପକ୍ଷରୁ ମା' ହେବାକୁ ଯାଉଥିବା ମହିଳାଙ୍କ ପାଇଁ ଏହି ମୂଲ୍ୟବାନ କାର୍ଯ୍ୟକ୍ରମ ବହୁ ଗୁରୁତ୍ୱ ଥିଲା। ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞଙ୍କ ଦ୍ୱାରା ପାରସ୍ପରିକ ଆଲୋଚନା, ଜନ୍ମ ପରବର୍ତ୍ତୀ ଶିଶୁ ଯତ୍ନ ଓ ସମ୍ଭାବ୍ୟ ମା' ମାନଙ୍କ ପାଇଁ ମାର୍ଗଦର୍ଶନ କରାଯାଇଥିଲା। ହସପିଟାଲ ପକ୍ଷରୁ ମା ମାନଙ୍କ ପାଇଁ ସଂପୂର୍ଣ୍ଣ ସମର୍ଥନ ଓ ପ୍ରତିବଦ୍ଧତାକୁ ଆଲୋକିତ କରାଯାଇ ଗର୍ଭବତୀ ମହିଳାଙ୍କ ସାମଗ୍ରୀକ ସୁସ୍ଥତା ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। ଅଙ୍କୁରା ହସ୍ପିଟାଲ ଏହାର ରୋଗୀମାନଙ୍କ ଯତ୍ନ ପାଇଁ ସମର୍ପିତ ରହିଛି ଏବଂ ପାରଂପାରିକ ଚିକିତ୍ସାଠାରୁ ଦୂରରେ ବିସ୍ତାରିତ ପରିବେଶ ସୃଷ୍ଟି କରିବା ଲାଗି ଉତ୍ସର୍ଗୀକୃତ ହୋଇଛି ବୋଲି ଏହାର ନିର୍ଦ୍ଦେଶକ ଡକ୍ଟର ବିଚିତ୍ରାନନ୍ଦ ରାଉତ କହିଛନ୍ତି।



ଜିଲ୍ଲାରେ ଭତ୍ତା କେଳେଙ୍କାରୀ

# କାହିଁକି ବାତିଲ ହୋଇଥିଲା ଡିଇଓଙ୍କ ବଦଳି

ନୟାଗଡ଼, ୨୬।୬(ସମିସ): ନୟାଗଡ଼ ଜିଲ୍ଲାରେ ଭତ୍ତା କେଳେଙ୍କାରୀ ଏବେ ଜିଲ୍ଲା ପ୍ରଶାସନର ଚିନ୍ତା ଜନକ ସ୍ଥିତି ସୃଷ୍ଟି କରିଛି। ନୂଆଗାଁ ବ୍ଲକରେ ସାମ୍ନାକୁ ଆସିଥିବା ଏହି ଘଟଣା ପାଇଁ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ ହୋଇଥିବା ବେଳେ ଅନ୍ୟ ବ୍ଲକରେ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିବା ଲୋକଙ୍କ ଛାତି ଧଡ ଧଡ ହେବା ଆରମ୍ଭ ହୋଇଛି। ସାମାଜିକ ସୁରକ୍ଷା ବିଭାଗ ଅଧିନସ୍ଥ ବିଭିନ୍ନ ବ୍ଲକ ଓ ଏନ୍‌ଏସିରେ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟର୍‌ମାନେ ଏହି ଅନିୟମିତତାର ମୂଳଉସ୍ଥ ବୋଲି ଅନୁମାନ କରାଯାଉଛି। ଜିଲ୍ଲାର ସବୁ ବ୍ଲକରେ ଅନିୟମିତତା ରହିଥିବା ବେଳେ ଓଡଗାଁ, ନୂଆଗାଁ, ଖଣ୍ଡପଡ଼ା ଓ ଭାପୁର ବ୍ଲକରେ ଭତ୍ତା ହିତାଧିକାରୀ ଚୟନରେ ମହାଦୁର୍ନୀତି ହୋଇଛି। ସହଜଜନସେବା କେନ୍ଦ୍ର ଜରିଆରେ ଜାଲି ଜନ୍ମ ପ୍ରମାଣ ପତ୍ର ଦ୍ୱାରା ଭୋଟର ପରିଚୟ ପତ୍ରରେ ବୟସ ବଢ଼ାଯାଇ ଭତ୍ତା ଆବେଦନ କରାଯାଇଛି। ଏହି ଆବେଦନକୁ କୌଣସି ଅନୁଧ୍ୟାନ ନକରି ସେମାନଙ୍କୁ ହିତାଧିକାରୀ ଭାବେ ଚୟନ କରାଯାଇଛି। ଫଳରେ ଜିଲ୍ଲାରେ ଭେଣ୍ଡିଆ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଦେଖାଯାଇଛି। ନିର୍ବାଚନ ପୂର୍ବରୁ ସରକାର ଭତ୍ତା ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗିବା ପୂର୍ବରୁ ଘଡିସନ୍ଧି ମୂହୂର୍ତ୍ତରେ ଏହି ଅନିୟମିତତାକୁ ଫଳବ୍ରତୀ କରାଯାଇଛି। ନୟାଗଡ଼ ଜିଲ୍ଲାରେ ଭତ୍ତା ଅନିୟମିତତାକୁ ସାକାର ରୂପ ଦେବାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଡିଇଓମାନଙ୍କର ଏକ ବଦଳି ନିର୍ଦ୍ଦେଶ ମାର୍ଚ୍ଚ ମାସରେ ବାହାରିଥିଲା। ଏହି ନିର୍ଦ୍ଦେଶ ଅନୁସାରେ, ଓଡଗାଁ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଡିଇଓଙ୍କୁ ନୂଆଗାଁ ଏବଂ ନୂଆଗାଁ ଡିଇଓଙ୍କୁ ଓଡଗାଁ ବଦଳି କରାଯାଇଥିଲା। ହେଲେ ହଠାତ୍ ଏହି ବଦଳିକୁ ବାତିଲ କରାଯାଇଥିଲା। କାହା ନିର୍ଦ୍ଦେଶରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବଦଳି ବାତିଲ କଲେ, ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିଇଓଙ୍କ ଜରିଆରେ ସାମାଜିକ ସୁରକ୍ଷା ଅଧିକାରୀ ଲାଭବାନ୍ ହୋଇଥିବା ଅଭିଯୋଗ ହେଉଛି। ଜିଲ୍ଲାରେ କାର୍ଯ୍ୟରତ ୧୩ ଜଣ ଡିଇଓଙ୍କ ଦରମା ତୁଳନାରେ ସମ୍ପତ୍ତି ବିଗତ ୫ ବର୍ଷରେ ଅନେକ ଗୁଣ ବୃଦ୍ଧି ପାଇଛି। ଭତ୍ତାକୁ ଏକ ସାମାନ୍ୟ କଥା ଭାବି କେହି ଗୁରୁତ୍ୱ ଦେଉନଥିବା ବେଳେ, ଏହା ପଛରେ ମହାକେଳେଙ୍କାରୀ ରହିଛି। ଡିଇଓମାନେ ଅନେକ ନକଲି ହିତାଧିକାରୀଙ୍କ ଭତ୍ତା କରିବା ପାଇଁ ହଜାର ହଜାର ଟଙ୍କା ଲେଖାଏଁ ଆଦାୟ କରୁଥିବାର ପ୍ରମାଣ ରହିଛି। ହିତାଧିକାରୀ ଡିଇଓଙ୍କୁ ଭତ୍ତା ପାଇଁ କେତେ ଟଙ୍କା ଦେଇଛନ୍ତି। କିଭଳି ନହେବା କାମ ହୋଇଛି। ତାହାର ଏକ ଅଡିଓ ରେକର୍ଡିଂ 'ସକାଳ' ହାତରେ ଲାଗିଛି। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ, ୪ଟି ଏନଏନସି ଏବଂ ପୌର ପରିଷଦ ଅଧିନରେ ସାମାଜିକ ସୁରକ୍ଷା ବିଭାଗର ୧୩ ଜଣ ଠିକା ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟ କରୁଛନ୍ତି। ଏମାନଙ୍କୁ ଏମ୍‌ଏସ୍ କେୟାର ସର୍ଭିସ ଜରିଆରେ ସାମାଜିକ ସୁରକ୍ଷା ବିଭାଗ ନିଯୁକ୍ତି ଦେଇଛି। ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଜିଲ୍ଲାରେ ହଜାର ହଜାର ନକଲି ହିତାଧିକାରୀ ଭତ୍ତା ପାଇବା ଚିନ୍ତାର ବିଷୟ ପାଲଟିଛି। ଏବେ ଜିଲ୍ଲାରେ ୯ ହଜାରରୁ ଊର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କ ଆବେଦନ ପେଣ୍ଡିଙ୍ଗ ଅବସ୍ଥାରେ ରହିଥିବା ବେଳେ ଜାତୀୟ ପେନ୍‌ସନ୍ ଯୋଜନାରେ ୫୩ ହଜାର ୧୯୭ ଜଣ ହିତାଧିକାରୀ, ମଧୁବାବୁ ପେନ୍‌ସନ ଯୋଜନାରେ ୧ ଲକ୍ଷ ୩ ହଜା ୩୯୩ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି। ନୂଆଗାଁ ବ୍ଲକ ଭଳି ଜିଲ୍ଲାର ସବୁ ବ୍ଲକରେ ହିତାଧିକାରୀଙ୍କ ସମ୍ପର୍କରେ ପୁଙ୍ଖାନୁପଙ୍ଖ ତଦନ୍ତ କରାଯିବାର ଆବଶ୍ୟକତା ରହିଛି।

■ ଜିଲ୍ଲାର ୪ ବ୍ଲକରେ ହୋଇଛି ମହାଦୁର୍ନୀତି
■ ଭେଣ୍ଡିଆ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା

ଆନ୍ତର୍ଜାତିକ ନିଶା ସେବନ ଓ ଅବାଧ ଚାଲାଣ ବିରୋଧୀ ଦିବସ

# ବେରୋଜଗାର ଏବଂ ଅପରାଧ ବୃଦ୍ଧି ପାଉଛି



ନୟାଗଡ଼, ୨୬।୬(ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଆନ୍ତର୍ଜାତିକ ନିଶା ସେବନ ଓ ଅବାଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଏବଂ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଜଗନ୍ନାଥ ମନ୍ଦିରଠାରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସ୍ୱଧାଦେବ ସିଂ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀ ସ୍ୱାଗତ ଅଭିଭାଷଣ ରଖିବା ସହ ନିଶା ସେବନର ଅପକାରିତା, ମଣିଷର ନିଶା ପ୍ରତି ଦୁର୍ବଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରି ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ନିଶାମୁକ୍ତ ଅଞ୍ଚଳ ସ୍ଥାପନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉପଜିଲ୍ଲାପାଳ ନିଶା ସେବନ ଦ୍ୱାରା ବେରୋଜଗାର ସଂଖ୍ୟା ବୃଦ୍ଧି ପାଉଥିବା ଏବଂ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅବାଧ ଚାଲାଣ ରୋକିବା ପାଇଁ କଡା ପଦକ୍ଷେପ ଗ୍ରହଣ କରାଯାଉନଥିବା ଏବଂ ଆଗାମୀ ଦିନରେ ଆହୁରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ନିଶା ଦ୍ୱାରା ହେଉଥିବା କ୍ଷତି ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ ମାଧ୍ୟମରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

● ବନକର୍ମଚାରୀଙ୍କୁ ଗାଡ଼ି ଚଢ଼ାଇବାକୁ ଉଦ୍ୟମ

## ଶରଧାପୁର ସରପଞ୍ଚଙ୍କ ସ୍ୱାମୀ ଗିରଫ

ନୟାଗଡ଼, ୨୬।୬(ସମିସ): ନୟାଗଡ଼ ବନାଞ୍ଚଳ ଅନ୍ତର୍ଗତ ଶରଧାପୁର ରିଜର୍ଭ ଫରେଷ୍ଟ ଏରିଆରେ ପଥର ଖଣି ଚଲାଇଥିବା ଶରଧାପୁର ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ସନ୍ତୋଷ କୁମାର ମୁଦୁଲି। ସେ ଦୀର୍ଘଦିନ ହେଲାଣି ରିର୍ଜଭ ଏରିଆରେ ପଥର ଖଣି ଚଳାଇଥିଲେ। ଆଜି ବନକର୍ମଚାରୀମାନେ ଚଢ଼ଉ କରିବା ସମୟରେ ଏକ ପଥର ବୋଝେଇ ଟ୍ରାକ୍ଟରକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ଅଭିଯୁକ୍ତ ଟ୍ରାକ୍ଟରକୁ ବନକର୍ମଚାରୀଙ୍କ ଉପରେ ଚଢ଼ାଇ ଦେବାକୁ ଚେଷ୍ଟା କରି ସେଠାରୁ ଗାଡି ଖସାଇ ନେଇଥିଲେ। ଏନେଇ ବନକର୍ମଚାରୀ ଏବଂ ପୁଲିସ ମିଳିତ ଚଢ଼ଉ କରି ଅଭିଯୁକ୍ତକୁ ଧରିବା ସହ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ଏସିଏଫ୍‌ଓ ହିମାଂଶୁ ମୁଦୁଲି ସୂଚନା ଦେଇଛନ୍ତି। ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଶରଧାପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଦୁଲିଙ୍କ ସ୍ୱାମୀ ସନ୍ତୋଷ କୁମାର ମୁଦୁଲି। ପୂର୍ବରୁ ସେ ଅନ୍ୟ ଏକ ମାମଲାରେ ଗିରଫ ହୋଇଥିଲେ। କିଛି ବର୍ଷ ତଳେ ପାଣିପୋଇଲା ଜଙ୍ଗଲ ଅଞ୍ଚଳରେ କ୍ରସର ନିର୍ମାଣ କରିବା ସମୟରେ ବନବିଭାଗ ଏବଂ ଜିଲ୍ଲା ପ୍ରଶାସନ ସହ ତାଙ୍କର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବନବିଭାଗ ଉକ୍ତ କ୍ରସର ସ୍ଥାନକୁ ଉଚ୍ଛେଦ କରିବାରେ ସଫଳ ହୋଇଥିଲା।

ଜଙ୍ଗଲରେ ଚାଲିଥିଲା ପଥର ଖଣି

# ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା, ୨୬।୬(ସମିସ): ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟରେ ଭାପୁର ବ୍ଲକ ଓଷ୍ଟା ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ନୟାଗଡ଼ ଜିଲ୍ଲା ଓଷ୍ଟା ସଭାପତି ଅଯୋଧ୍ୟାନାଥ ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛି, ସମାଜସେବୀ ଜନ୍ମେଜୟ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅବସରରେ ଶିକ୍ଷା ଦ୍ୱାରା ସମାଜରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ନୟାଗଡ଼ ଜିଲ୍ଲା ଓଷ୍ଟାର ଯୁଗ୍ମ ସମ୍ପାଦକ ନିତ୍ୟାନନ୍ଦ ଦାସ ଉଦ୍ଦେଶ୍ୟ ପଠନ କରିଥିବା ବେଳେ ଶିକ୍ଷକ ଶିବପ୍ରସାଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖଣ୍ଡପଡ଼ା ବ୍ଲକ ଓଷ୍ଟା ସମ୍ପାଦକ ପ୍ରଭାକର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ଏକାଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର



ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀ ସାମିଲ ହେବା ସହିତ ବିଦ୍ୟାଳୟର ସମସ୍ୟା ବାବଦରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବିଧାୟକ ଶ୍ରୀ ସ୍ୱାଇଁ ଏହାର ସମାଧାନ ଦିଗରେ ପ୍ରତିଶ୍ରୁତି ଦେଇଥିବା ନେଇ ସୂଚନା ମିଳିଛି। ସେହିପରି ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ସ୍ମିତା ଶେଫାଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ଶ୍ରୀ ସ୍ୱାଇଁ ଯୋଗଦେବା ସହିତ ପାଠ ପଢ଼ିବା ଓ ଗଛଟିଏ ଲଗାଇବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାତା ସମ୍ପାଦକ ଆଇନଜୀବୀ ଗିରିଜାଶଙ୍କର ତରାସିଆ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ବଳିଆରସିଂ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

● ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶତାଧିକ ଏସି ଗାଏବ

## ୧୧ ଏସି ଚୋରି ନେଇ ଥାନାରେ ଏତଲା

ନୟାଗଡ଼, ୨୬।୬(ସମିସ): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନୂଆ ଓ ପୁରୁଣା ଶତାଧିକ ଏସି ଗାଏବ ହୋଇଛି। ପୁରୁଣା ସର୍ଜରୀ ୱାର୍ଡ ଏବଂ ମେଡିସିନ୍ ୱାର୍ଡରେ ଲାଗିଥିବା ଏସି ଗୁଡିକ ଗାଏବ ପଛରେ ଡାକ୍ତରଖାନାରୁ ଦୁଇ ମ୍ୟାନେଜର୍, ଏଡିଏମ୍ ଏବଂ ଅନ୍ୟ କିଛି କର୍ମଚାରୀଙ୍କ ପ୍ରଚ୍ଛନ୍ନ ଭୂମିକା ରହିଥିବା ଅଭିଯୋଗ ହେଉଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ପାଇଁ କମିଟି ଗଠନ ହୋଇଥିବା ବେଳେ ଡାକ୍ତରଖାନା ଏଡିଏମ୍ ଡା. ଅଜୟ କୁମାର ବାହିନୀପତି ମଙ୍ଗଳବାର ରାତିରେ ନୟାଗଡ଼ ଟାଉନଥାନାରେ ଏତଲା ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୧୧ଟି ଏସି ଚୋରି ହୋଇଥିବା ନେଇ ଏତଲା ଦିଆଯାଇଥିବା ବେଳେ କିଏ ଚୋରି କରଛି, ସେ ନେଇ ଏତଲାରେ ଉଲ୍ଲେଖ କରାଯାଇନାହିଁ। ଏନେଇ ନୟାଗଡ଼ ଟାଉନଥାନାରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶତାଧିକ ଏସି ଗାଏବ କରାଯିବା ଘଟଣା ଜିଲ୍ଲାରେ ଆଲୋଡନ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଏସି ଗୁଡିକ ଖୋଲା ଯାଇ ଅନେକ କର୍ମଚାରୀ ଘରକୁ ନେଇ ଯାଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ପରେ ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ କମିଟି ଗଠନ

● ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ

## ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ସପ୍ତାହ ପାଳିତ



ନୟାଗଡ଼, ୨୬।୬(ସମିସ): ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଚାଲିଥିବା ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ସପ୍ତାହ ଉଦଯାପିତ ହୋଇଥିବା ବେଳେ ଆଜି ପାଳିତ ହୋଇଥିଲା 'ତମାଖୁ ବର୍ଜନ ଦିବସ'। ବିଦ୍ୟାଳୟ ଖୋଲିବା ପରେ ପ୍ରାର୍ଥନା ସଭାରେ ବିଶ୍ୱ ତମାଖୁ ବର୍ଜନ ଦିବସ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ସଲିମ୍ ଇବ୍ରାହିମ୍ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ରଶ୍ମି ରଞ୍ଜିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ଓ ସହକାରୀ ଶିକ୍ଷକ ଶେଖ୍ ଅବଦୁଲ୍ ଖାଲିକ୍ ତମାଖୁ ସେବନର ଭୟାବହତା ଏବଂ ଏହା ଯୋଗୁଁ ହେଉଥିବା ଦୂରାରୋଗ ଉପରେ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ଗୁରୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ତାଜୁଦ୍ଦିନ୍ ଖାଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନିଶା ସେବନ ବିରୋଧରେ ଶପଥ ପାଠ

ନୟାଗଡ଼, ୨୬।୬(ସମିସ): ଡ୍ରଗସ୍ର ଅପବ୍ୟବହାର ଆମ ଦେଶରେ ପ୍ରାୟତଃ ଯୁବବର୍ଗରେ ବୃଦ୍ଧିପାଉଛି। ଏହା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଜୁନ ୨୬ତାରିଖ ଆନ୍ତର୍ଜାତିକ ନିଶା ସେବନ ଓ ଅବୈଧ



ଚାଲାଣ ବିରୋଧୀ ଦିବସ ଅବସରରେ ନୟାଗଡ଼ ଏନ୍‌ଏସି ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମାନେ ଡ୍ରଗସ୍ର ଅପବ୍ୟବହାର ରୋକିବା ପାଇଁ ପୂର୍ଣ୍ଣରୂପେ ସହଯୋଗ କରିବା ଏବଂ କୌଣସି ବି କ୍ଷତିକାରକ ଡ୍ରଗସ୍ କଦାପି ସେବନ ନକରିବା ପାଇଁ ଶପଥ ନେଇଥିଲେ। ଏଥି ସହିତ ଡ୍ରଗସ୍ର କୁପ୍ରଭାବ ବିଷୟରେ ଜନସଚେତନତା ସୃଷ୍ଟି କରିବା ସହିତ ଯୁବପିଢ଼ି ବିପଥଗାମୀ ନହେବା ଏବଂ ତାଙ୍କର ସୃଜନଶୀଳତା ବୃଦ୍ଧି ପାଇବା ଏବଂ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ସୁସ୍ଥ ନିରାମୟ ଜୀବନ ଅତିବାହିତ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ଶପଥ ନେଇଥିଲେ। ଏହି ଶପଥପାଠ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ, ବରିଷ୍ଠ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ, ଜ୍ୟୋତିର୍ମୟୀ ରଥ, ସ୍ୱାଗତିକା ଦଳେଇ, ଲକ୍ଷ୍ମୀଧର ସାହୁ, କାଦମ୍ବିନୀ କରଣ, ଅନସୂୟା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଡ୍ରଗ୍ସରକୁ ପ୍ରଭାବ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ।

ବୃଦ୍ଧାଶ୍ରମ ନିର୍ମାଣ ଆଳରେ ଜଙ୍ଗଲ ଜମି ହଡପ ଉଦ୍ୟମ

## ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ

ଭାପୁର, ୨୬।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ କାନକୁଟୁଳୀ ପାହାଡ ପାଦ ଦେଶରେ ନିର୍ମାଣ ହେଉଛି ଏକ ବୃଦ୍ଧାଶ୍ରମ। ବୃଦ୍ଧାଶ୍ରମ ହେଉ ମାତ୍ର ଜଙ୍ଗଲ ଜମିରେ ନହେଉ ବୋଲି ଗ୍ରାମବାସୀ କହିଛନ୍ତି। ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ନିକଟରେ ରହିଛି କାନକୁଟୁଳୀ ପାହାଡ। ଏହି ପାହାଡ ତଳେ ଦୁଇ ଏକର ଜଙ୍ଗଲ ଜମିରେ ବାଘୁଆପଲ୍ଲୀ ଗ୍ରାମର କେଶବ ପ୍ରଧାନ ନାମକ ଜଣେ ବ୍ୟକ୍ତି ଏକ ବୃଦ୍ଧାଶ୍ରମ ନିର୍ମାଣ କରୁଛନ୍ତି। ଗ୍ରାମବାସୀମାନେ ବୃଦ୍ଧାଶ୍ରମକୁ ବିରୋଧ କରୁ ନଥିଲା ବେଳେ ଏହା ଜଙ୍ଗଲ ଜମିରେ ନିର୍ମାଣ ନହୋଇ ଘରୋଇ ଜମିରେ ନିର୍ମାଣ ହେଉ ବୋଲି କହୁଛନ୍ତି। ବୃଦ୍ଧାଶ୍ରମ ନିର୍ମାଣ କରୁଥିବା ବ୍ୟକ୍ତି ଜଙ୍ଗଲ ଜମି ହଡପ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ନିର୍ମାଣ ବନ୍ଦ କରାଯିବାକୁ ବାଘୁଆପଲ୍ଲୀ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବତନ ଭାପୁର ତହସିଲଦାର ଲଗ୍ନଜିତ ବେହେରା ଏହି ନିର୍ମାଣ ସ୍ଥଳକୁ ଯାଇ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ କରାଇଥିଲେ। ଅଭିଯୋଗ ବିଷୟରେ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ କହିଛନ୍ତି ଯେମୁଁ ବୁଧବାର ଅଫିସରେ ନଥିଲି। କ'ଣ ଅଭିଯୋଗ ହୋଇଛି ଦେଖିଲା ପରେ ପଦକ୍ଷେପ ନେବି।

## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକ




ଦଶପଲ୍ଲା, ୨୬।୬(ସମିସ): ଓଡ଼ିଆ ମଞ୍ଚ ନାଟକର ଅନନ୍ୟ ସ୍ରଷ୍ଟା ତଥା ଦଶପଲ୍ଲା ମାଟିର ବରପୁତ୍ର ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳିତ ହୋଇ ଯାଇଛି। ରାମଚନ୍ଦ୍ର ସ୍ମୃତି ସଂସଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଇନଜୀବୀ ସୁଶାନ୍ତ ପାତ୍ର ସଭାପତିତ୍ୱ କରି ଦୀର୍ଘ ୩୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପାଳିତ ହୋଇ ଆସୁଥିବା ଉତ୍ସବରେ ସବୁରି ସହଭାଗିତାକୁ ପ୍ରଶଂସା କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ଆଇନଜୀବୀ ଶରତ ବେହେରା। ମଞ୍ଚ ସଂଯୋଜନା କରିଥିଲେ ବିଶିଷ୍ଟ ରୋଟାରୀଆନ୍ ସୁଶାନ୍ତ ସାହୁ। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ବେହେରା ଏହି ଉତ୍ସବକୁ ରାଜ୍ୟସ୍ତରୀୟ ମାନ୍ୟତା ସହିତ ଜିଲ୍ଲାସ୍ତରରେ ପ୍ରତିମୂର୍ତ୍ତି ସ୍ଥାପନରେ ସରକାରୀ ଓ ବେସରକାରୀ ସାହାଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ।

ବିଧାୟକଙ୍କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭ ଦଫା ଦାବି

# ଭାପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଗୁରୁତ୍ୱ

ଭାପୁର, ୨୬।୬(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କ୍ରିୟାନୁଷ୍ଠାନ କମିଟି ତରଫରୁ ନବ ନିର୍ବାଚିତ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ସାତ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ବିଧାୟକ ସମସ୍ତ ଦାବି ଗୁଡିକ ଉପରେ ସକରାତ୍ମକ ମନୋଭାବ ଦେଖାଇ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ବୁଧବାର ମଧ୍ୟାହ୍ନରେ ଭାପୁର ମହାଲକ୍ଷ୍ମୀ ମନ୍ଦିର ପରିସରରେ ଭାପୁର କ୍ରିୟାନୁଷ୍ଠାନ କମିଟି ତରଫରୁ ବିଧାୟକ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କମିଟି ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ପ୍ରଭାକର ସାହୁ, ବରିଷ୍ଠ ସଭ୍ୟ ହାଡିବନ୍ଧୁ ଦାଶ, ଲକ୍ଷ୍ମୀଧର ମହାପାତ୍ର, ସାଧୁଚରଣ ସିଂହ, ଗଙ୍ଗାଧର ବାରିକ, ଭଗବାନ ବରାଡଙ୍କ ସମେତ ଅନେକ ସଭ୍ୟ ମିଳିତ ହୋଇ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ଗୁଡିକ ମଧ୍ୟରେ ଭାପୁରକୁ ଏନ୍‌ଏସି ଘୋଷଣା କରିବା ମୁଖ୍ୟ ଦାବି ରହିଛି। ଅନ୍ୟ ଦାବୀ ଗୁଡିକ ମଧ୍ୟରେ ଭାପୁର ଡାକ୍ତରଖାନାରେ ମୁଖ୍ୟ ଡାକ୍ତର ପଦବୀ ସହ ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରିବା, ଭାପୁରରେ ବର୍ତ୍ତମାନ ଦୁଇଟି ବିଦ୍ୟୁତ୍ ସେକ୍ସନ ଥିବା ବେଳେ ଏଠାରେ ବିଦ୍ୟୁତ୍ ସବଡିଭିଜନ ଆବଶ୍ୟକତା ରହିଛି। ଯାହା ତୁରନ୍ତ କାର୍ଯ୍ୟକାରି ହେବା ଦରକାର, ଭାପୁରରେ ସ୍ଥାୟୀ ବସଷ୍ଟାଣ୍ଡ ଗୃହ ନିର୍ମାଣ, ଭାପୁରରେ ଡାକଘର ନିଜସ୍ୱ ଗୃହ



ନିର୍ମାଣ, ଭାପୁରରେ ପୂର୍ତ୍ତ, ଜଳସମ୍ପଦ, କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ସହ ତୁରନ୍ତ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରିବା ଦାବି ରହିଛି। ଏହି ଦାବି ଗୁଡିକୁ ବିଧାୟକ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ଜିଲ୍ଲାର ସବୁ ବ୍ଲକରେ ନିଜସ୍ୱ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା ବେଳେ ଭାପୁର ବଞ୍ଚିତ ହୋଇଛି। ଭାପୁରରେ ୬୦ ବର୍ଷ ହେଲା ଭଡା ଘରେ ଡାକଘର ଚାଲିଥିବା ବେଳେ ନିଜସ୍ୱ ଗୃହ ନିର୍ମାଣ ହେଉନାହିଁ। ବ୍ଲକରେ ପୂର୍ତ୍ତ, ଜଳସେଚନ ଓ ଉଠାଜଳସେଚନ କାର୍ଯ୍ୟାଳୟ ଖୋଲାଯାଉନାହିଁ। ବିଧାୟକ ଏ ସବୁର ସମାଧାନ କରିବା ସହ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ଗୁଡିକ ପୂରଣ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ବିଧାୟକଙ୍କ ଉପରେ ଆଶା ଓ ବିଶ୍ୱାସ ରଖିଛି।

## ସାଧୁଆପଲ୍ଲୀ ଗାଁକୁ ରାସ୍ତା ନିର୍ମାଣ ଦାବି

ଖଣ୍ଡପଡ଼ା, ୨୬।୬(ସମିସ): ଖଣ୍ଡପଡ଼ା ବ୍ଲକ ଅଧିନ ଗଡ଼ିଆସାହି ପଞ୍ଚାୟତ ସାଧୁଆପଲ୍ଲୀ ଗାଁକୁ ପକ୍କା ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ଧରି ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଏନେଇ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ଉପସଭାପତି ନିରଞ୍ଜନ ଦାସ ଖଣ୍ଡପଡ଼ା ତହସିଲାରଙ୍କ ସହ ଯୋଗାଯୋଗ କରିଥିଲେ ସୁଧା ଏପର୍ଯ୍ୟନ୍ତ ଜାଗା ଚିହ୍ନଟ କରୁ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବିଡ଼ିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଭାବେ ଜଣାଇଥିବା କହିଛନ୍ତି। ଉକ୍ତ ଆଦିବାସୀ ଅଧୂଷିତ ଗ୍ରାମକୁ ଯାତାୟାତ କରିବା ନିମନ୍ତେ ରାସ୍ତା ନିର୍ମାଣ ପାଇଁ ବହୁ ନେତା ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କେବଳ କଥାରେ ରହିଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯଦି ଖୁବଶୀଘ୍ର ଏହାର ପ୍ରତିକାର ନହୁଏ ତେବେ ଆଗାମୀ ଦିନରେ ଏ ଘଟଣା ସମ୍ପର୍କରେ ଭାରତୀୟ ବିକାଶ ପରିଷଦ ମାଧ୍ୟମରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

ସକାଳ
THE SAKALA



● ଶୂନ୍ୟ ସହନଶୀଳତା ସପ୍ତାହ ପାଳିତ

# ୧୦୨ ଗାଡ଼ିରୁ କଟିଲା ଚାଲାଣ

**ଖୋର୍ଦ୍ଧା, ୨୬।୬(ସମିସ):** ବୁଧବାର ଶୂନ୍ୟ ସହନଶିଳତା ସପ୍ତାହ ଅବସରରେ ପରିବହନ ବିଭାଗର ଗାଡି ଚାଳକଙ୍କ ଉପରେ ଚଢ଼ାଉ। ପରିବହନ ଭିଭାଗ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜାଗୁଲାଇପାଟଣା ଅଞ୍ଚଳର ୫୭ନମ୍ବର ଜାତୀୟ ରାଜପଥ ଉପରେ ଚଢ଼ଉ କରି ଗାଡି ଚାଳକମାନଙ୍କୁ ହେଲମେଣ୍ଟ ପିନ୍ଧି ଗାଡି ଚଳାଇବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଗାଡି ଚାଳକମାନେ ନମାନି ବେପରୁଆ ଭାବରେ ଗାଡି ଚଳାଉଥିବା ଦେଖିବାକୁ ମିଳୁଛି। ଗାଡି ଚାଳକମାନେ ସତର୍କ ହେଉନଥିବାରୁ ପରିବହନ ବିଭାଗ ପକ୍ଷରୁ ଜାତୀୟ ରାଜପଥ ଓ ସହରମାନଙ୍କରେ



୧୦୨ ଚାଲାଣ କାଟିଥିବା ବେଳେ ୪ଲକ୍ଷ ୧୫ ହଜାର ୩ଶହ ଟଙ୍କାର ଚାଲାଣ କାଟିଥିବା ବେଳେ ନଗଦ ଚାଲାଣ ୧୩ହଜାର ଆଦାୟ କରିଥିବା ଜଣାପଡ଼ିଛି।ଏହି ଚେକିଂ ସମୟରେ ଅନେକ ଗାଡି ଚାଳକ ହେଲମେଟ ପିନ୍ଧି ନଥିବା ଦେଖିବାକୁ ମିଳିଥିବା ବେଳେ ଅନେକ ସିଟ୍ ବେଲ୍ଟ ଓ ବେପରୁଆ ଭାବରେ ଗାଡି ଚଳାଉଥିବା ବେଳେ ପରିବହନ ବିଭାଗର କର୍ମଚାରୀ ମାନେ ଅଟକାଇ ଫାଇନ ଆଦାୟ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ ହେଉ କି ବିଭିନ୍ନ ସଂଗଠନ ପକ୍ଷରୁ ବହୁବାର ଟ୍ରାଫିକ ସଚେତନତା କାର୍ଯ୍ୟକର୍ମ ହୋଇଛ। ଲଗାତାର ବ୍ଲକିଂ ଚେକିଂ ଜାରି ରହୁଛି। ବୁଧବାର ଦିନ ପରିବହନ ବିଭାଗ ପକ୍ଷରୁ ୫୭ ନମ୍ବର ଜାତୀୟ ରାଜପଥ ଉପରେ ବଡ ଧରଣର ଚେକିଂ ଚାଲିଥିବା ଦେଖିବାକୁ ମିଳିଛି। ଏହି ଚେକିଂ ସମୟରେ ପରିବହନ ବିଭାଗ ୧୦୨ଟି ଗାଡ଼ିକୁ ଅଟକାଇ ଚାଲାଣ କାଟିଥିବା ବେଳେ ଚାଲାଣ ବାବଦକୁ ୪ ଲକ୍ଷ ୧୫ ହଜାର ୩ଶହ ଟଙ୍କାର ଫାଇନ ବିଭିନ୍ନ ଗାଡି ମାଲିକଙ୍କୁ ରସିଦ ପ୍ରଦାନ କରିଥିବା ବେଳେ ୧୩ ହଜାର ଟଙ୍କା ନଗଦ ଚାଲାଣ ବାବଦକୁ ଆଦାୟ କରିଥିବା ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ ପାଉଛି।

● ଆମ୍ବୁଲାନ୍ସ ସେବା ଆଗରେ ରୋଗୀର ଜୀବନ ତୁଚ୍ଛ

# ଘରୋଇ ଆମ୍ବୁଲାନ୍ସ ମାଲିକଙ୍କ ଉପଦ୍ରବରେ ରୋଗୀଙ୍କ ସମ୍ପର୍କୀୟ ଅତିଷ୍ଠ

**ଖୋର୍ଦ୍ଧା, ୨୬।୬(ସମିସ)**

କେଉଁ ଆମ୍ବୁଲାନ୍ସର ଜୀବନବୀମା ସମ୍ପର୍କିତ କାଗଜପତ୍ର ନାହିଁ ତ'ଆଉ କେଉଁ ଗାଡ଼ି ସଡ଼କ ପରିବହନ ନିୟମ ଓ ସରକାର ତରଫରୁ ପ୍ରଣୟନ ହୋଇଥିବା ଆମ୍ବୁଲାନ୍ସ ସେବା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଛି। ଆଉକିଏ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା ଆଳରେ ରୋଗୀ ଓ ସମ୍ପର୍କୀୟଙ୍କୁ ଶୋଷଣ କରିବାରେ ଲାଗିଛି। ଜିଲ୍ଲାମୁଖ୍ୟ ଡାକ୍ତରଖାନା ପରିସରରେ ଧାଡ଼ି ଧାଡ଼ି ଯେମିତି କୁଣ୍ଠାବୋଧ କରୁଛି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୋଗୁଁ ମେଡିକାଲରେ ଆଇନ ଶୃଙ୍ଖଳା ବିଗୁଡୁଥିବା କୁହାଯାଉଛି।ଆମ୍ବୁଲାନ୍ସ କର୍ମଚାରୀଙ୍କ ଆଗରେ ରୋଗୀର ମୂଲ୍ୟବାନ ଜୀବନ ତୁଚ୍ଛ ହୋଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଥାଉକି, ଜଟଣୀ ବ୍ଲକ ଛଣଘରର ଜଣେ ମହିଳା ଗତ ୧୬ତାରିଖରେ ବରୁଣେଇ ମହୋତ୍ସବରୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଉପରେ ଟାଟାଏସି ମାତ୍ର ରୋଗୀ ସମ୍ପର୍କୀଙ୍କ ବହୁ କାକୁତିମିନତୀ ସତ୍ୱେ କୌଣସି କଥା ନଶୁଣି ଉକ୍ତ ଆମ୍ବୁଲାନ୍ସ ଡ୍ରାଇଭର ୪ହଜାର ନେଇଥିଲେ। ସେହିପରି ଗତ ୨୨ତାରିଖ ଦିନ ଜଣେ ବୃଦ୍ଧାଙ୍କ ମୃତଦେହ ବାଲୁଗାଁ ନେବାକୁ ମଧ୍ୟ ଏକ ଆମ୍ବୁଲାନ୍ସ ଡ୍ରାଇଭର ୫ହଜାର ଦାବି କରି ନେଇଥିଲେ। ଯେଉଁଠାରେ କି ୩ହଜାରରୁ ୪ହଜାର ମଧ୍ୟରେ ଭଡା ନେବା କଥା। ଏଭଳି ଅନେକ ଘଟଣା ପ୍ରତିଦିନ ଘଟୁଥିଲେ ମଧ୍ୟ ଅଧିକ ଖର୍ଚ୍ଚାନ୍ତ ହୋଇ ରୋଗୀନେବାକୁ ବାଧ୍ୟ ହେଉଛନ୍ତି ସମ୍ପର୍କିୟ। ଗତ ୮ଦିନ ପରିସରରେ ଘରୋଇ ଆମ୍ବୁଲାନ୍ସ ନରଖିବାକୁ ବିଗତ ଦିନରେ ତତ୍କାଳୀନ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ କିଛି ଦିନ ପରିସର ବାହାରେ ରହୁଥିଲା ଘରୋଇ ଆମ୍ବୁଲାନ୍ସ। କିନ୍ତୁ ଜିଲ୍ଲାପାଳ ଓ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ବଦଳିବା ପରେ ଯଥା ପୂର୍ବ ତଥା ପରଂ ପରିସ୍ଥିତି ଉପୁଜିଛି।ମେଡିକାଲ ପରିସରରେ ହୋଇଥିବା ପାର୍କିଂସ୍ଥଳକୁ ଘରୋଇ ଆମ୍ବୁଲାନ୍ସ ସଂଘ ମାଡି ବସିବା ଫଳରେ ରୋଗୀଙ୍କ ସମ୍ପର୍କିୟମାନେ ରାସ୍ତାର ଦୁଇପାର୍ଶ୍ୱରେ ଗାଡି ରଖି ଜାମ କରୁଛନ୍ତି। ଫଳରେ ମେଡିକାଲକୁ

## ବିନା କାଗଜପତ୍ରରେ ମାଳ ମାଳ ଆମ୍ବୁଲାନ୍ସ | ପରିବହନ ବିଭାଗ ନିରବଦ୍ରଷ୍ଟା

ହୋଇ ଠିଆ ହୋଇଥିବା ଅନେକ ଆମ୍ବୁଲାନ୍ସ କର୍ମଚାରୀ ଓ ଡ୍ରାଇଭରଙ୍କ ବିରୋଧରେ ଏମିତି ବହୁ ଅଭିଯୋଗ ହେଉଛି। ଉକ୍ତ ଘରୋଇ ଆମ୍ବୁଲାନ୍ସ ଗୁଡ଼ିକରେ ଦୈନିକ ବହୁ ରୋଗୀଙ୍କୁ ଏଠାରୁ ଅନ୍ୟ ମେଡିକାଲକୁ ବୁହାଯାଉଛି। କିନ୍ତୁ ରୋଗୀ ଜୀବନ ସହିତ ଖେଳ ଖେଳୁଥିବା ଏ ଭଳି ବେଆଇନ ଘରୋଇ ଆମ୍ବୁଲାନ୍ସ ମାଲିକ ଓ ଡ୍ରାଇଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବହନ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ଗାଡି ଚଢିଯାଇଥିବାରୁ ସେ ଗୁରୁତର ଭାବେ ଖୋର୍ଦ୍ଧା ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଭୁବନେଶ୍ୱର ରେଫର କରିବାରେ ତାଙ୍କ ସମ୍ପର୍କିୟ ଘରୋଇ ଆମ୍ବୁଲନ୍ସ ସହ ଯୋଗାଯୋଗ କରିଥିଲେ।ଭୁବନେଶ୍ୱର ଉପକଣ୍ଠର ଘରୋଇ ଚିକିତ୍ସାଳୟକୁ ନେବା ଲାଗି ଆମ୍ବୁଲାନ୍ସ ଡ୍ରାଇଭର ୪ହଜାର ଦାବି କରିଥିଲେ। ଯେଉଁଠାରେ କି ଖୋର୍ଦ୍ଧା ମେଡିକାଲରୁ ଭୁବନେଶ୍ୱର ଉପକଣ୍ଠକୁ ଗଲେ ଦୁଇରୁ ଅଢେଇ ହଜାର ଭଡା ନେବା କଥା। ହେବ ମହାପ୍ରୟାଣ ଅଚଳ ହୋଇ ପଡ଼ିଥିବା ବେଳେ ଏହାର ଫାଇଦା ମଧ୍ୟ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର ନେଉଛନ୍ତି।

ତେବେ ରୋଗୀ ପରିବହନ ସମୟରେ ଆମ୍ବୁଲାନ୍ସ ଗୁଡ଼ିକ ନିୟମର ବ୍ୟତିକ୍ରମ କରୁଥିବା ଦେଖାଯାଉଛି। ଜଣେ ଡ୍ରାଇଭର ଦ୍ୱାରା ଗୋଟିଏ ମେଡିକାଲରୁ ଅନ୍ୟ ଏକ ମେଡିକାଲକୁ ରୋଗୀ ସ୍ଥାନାନ୍ତରିତ କରାଯାଉଥିବା ବେଳେ ରୋଗୀଙ୍କ ପାଇଁ କେବଳ ଭଗବାନ ଭରସା। ମେଡିକାଲ ଆସୁଥିବା ଲୋକଙ୍କ ଯାତାୟତ ଲାଗି ବିଭିନ୍ନ ସମସ୍ୟା ଉପୁଜୁଛି। କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକଙ୍କ କହିବା କଥା ମେଡିକାଲ ପରିସରରେ କୌଣସି ଘରୋଇ ଆମ୍ବୁଲାନ୍ସ ରହୁନି। ଯାହା ବାସ୍ତବ ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବିନା କାଗଜ ପତ୍ରରେ ଘରୋଇ ଆମ୍ବୁଲାନ୍ସ ଗୁଡ଼ିକ ରୋଗୀଙ୍କ ଜୀବନ ସହିତ ଖେଳୁଥିବା ବେଳେ ପରିବହନ ବିଭାଗ ପଦକ୍ଷେପ ନନେବା ପଛରେ କିଛି ରହସ୍ୟ ରହିଛି ତାହା ମଧ୍ୟ ବୁଝାପଡୁନି। ତେଣୁ ଜିଲ୍ଲାପାଳ ଏକ୍ଷେତ୍ରରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

ଅନ୍ୟପକ୍ଷରେ ଘରୋଇ ଆମ୍ବୁଲାନ୍ସ ସଂଘ ସଭାପତି ଏସ.କେ. ୟୁନୁସ କୁହନ୍ତି ସଂଘ ପକ୍ଷରୁ ସମସ୍ତଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଉଛି। କାହାକୁ ବାଧ୍ୟ କରାଯାଉନି, ରେଟ ଅନୁଯାୟୀ ଭଡା ରଖାଯାଉଛି। ଯଦି କୌଣସି ଡ୍ରାଇଭର ରୋଗୀଙ୍କୁ ଏଭଳି ହଇରାଣ କରୁଛନ୍ତି ତାଙ୍କ ଉପରେ ସଂଘ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ବିନା କାଗଜ ପତ୍ରରେ ଆମ୍ବୁଲାନ୍ସ ଚାଲୁଥିବା କଥାକୁ ସେ ସ୍ୱୀକାର କରିଥିବାବେଳେ ଏନେଇ ସଂଘ ପକ୍ଷରୁ ପରିବହନ ବିଭାଗକୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ନିର୍ବାଚନ ପୂର୍ବରୁ କିଛି ଘରୋଇ ଆମ୍ବୁଲାନ୍ସର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଅନ୍ୟଗୁଡିକୁ ମଧ୍ୟ ଖୁବଶୀଘ୍ର ଯାଞ୍ଚ କରାଯିବ। ନିୟମ ଖିଲାପ କରୁଥିବା ଘରୋଇ ଆମ୍ବୁଲାନ୍ସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



# ଦିଲ୍ଲୀ ମ୍ୟୁଜିୟମରେ ସ୍ଥାନ ପାଇବ ୮ ଫୁଟ ଉଚ୍ଚତାର ରାବଣ ମୂର୍ତ୍ତି

**ବେଗୁନିଆ, ୨୬।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଶିଳ୍ପୀଗ୍ରାମ କରଡ଼ଗାଡ଼ିଆ ଗ୍ରାମରେ କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ କାଗଜ, କାଠ ଓ ଗୋବର ବ୍ୟବହାର କରି ମୁଖା, କଣ୍ଢେଇ ଓ ଦେବାଦେବୀ ମୂର୍ତ୍ତି କରି ଆସୁଛନ୍ତି। ଶିଳ୍ପୀ କୃପାସିନ୍ଧୁ ମହାପାତ୍ରଙ୍କ ଦ୍ୱାରା ନିର୍ମିତ ଆଠ ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ଚଳିତ ବର୍ଷ ଦିଲ୍ଲୀ କ୍ରାଫ୍ଟ ମ୍ୟୁଜିୟମରେ ସ୍ଥାନ ପାଇବ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ସମେତ ସାରା ଓଡ଼ିଶା ପାଇଁ ଗର୍ବ ଗୌରବ ଆଣି ପାରିଥିବାରୁ କୃପାସିନ୍ଧୁଙ୍କ ପରିବାର ପ୍ରତି ଶୁଭେଚ୍ଛା ମିଳୁଛି। ଏହି ମୂର୍ତ୍ତିକୁ ନିର୍ମାଣ କରିବା ପାଇଁ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏକ ମାସ ସମୟ ଲାଗିଥିଲା। ଯଦି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ମିଳିପାରନ୍ତା ତେବେ ଅନେକ ପରିବାର କୌଳିକ ବୃତ୍ତିକୁ ବଞ୍ଚାଇବା ଶହ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ଦେଶ ସୁନାମ ଅର୍ଜନ କରିପାରିବ ବୋଲି ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ କହିଛନ୍ତି।

# ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ନିରାକାରପୁର, ୨୬।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ଛକ ନିକଟସ୍ଥ ପେଟ୍ରୋଲ ପମ୍ପରୁ ତେଲ ପକାଇ ଉକ୍ତ ଥାନା ଅନ୍ତର୍ଗତ ଡିଆ ଗ୍ରାମର ପ୍ରେମା ସାହୁ ନିରାକାରପୁର ଆଡ଼କୁ ଆସୁଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ପ୍ରେମାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ଖୋର୍ଦ୍ଧା ନିଆଯାଇଥିଲା ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ପୁଲିସ ଖବର ପାଇ ଘଟଣାସ୍ଥଳରୁ ଧକ୍କା ଦେଇଥିବା ଟ୍ରକ୍‌କୁ ଅଟକ ରଖି ପଚରାଉଚରା କରୁଛି।

# ଶିଶୁ ଶ୍ରମିକକୁ ଉଦ୍ଧାରକଲା ପ୍ରଶାସନ



**ବାଲୁଗାଁ, ୨୬।୬(ସମିସ) :** ସରକାରଙ୍କ ତରଫରୁ ଶିଶୁ ଶ୍ରମିକ ରୋକିବା ପାଇଁ କ‡ା ନିର୍ଦ୍ଦେଶ ରହି ଥିବା ବେଳେ ପ୍ରଶାସନ ପକ୍ଷରୁ ଅଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ବାଲୁଗାଁ ବାଣପୁର ଅଞ୍ଚଳରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ବେଆଇନ ଭାବେ ଶିଶୁ ଶ୍ରମିକମାନଙ୍କୁ ରଖି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ରୋକିବାରେ ପ୍ରଶାସନ ସଫଳ ହୋଇ ପାରିନାହିଁ। ଏହି କ୍ରମରେ ବାଲୁଗାଁ ଅଞ୍ଚଳରେ ଶିଶୁ ଶ୍ରମିକ ନିୟୋଜିତ ହୋଇ ଥିବାର କୌଣସି ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ସହ ଶ୍ରମ ଅଧିକାରୀ ସୌମ୍ୟ ରଞ୍ଜନ କର, ଖୋର୍ଦ୍ଧା ସହ ଶ୍ରମ ଅଧିକାରୀ ବିକାଶ କୁମାର ନାୟକ, ଶିଶୁ ସୁରକ୍ଷା ଅଧିକାରିଣୀ ବାଣିଶ୍ରୀ ପଟ୍ଟନାୟକ, ଶିଶୁ ସୁରକ୍ଷା କର୍ମକର୍ତ୍ତା, ବଚପନ ବଚାଓ ଆନ୍ଦୋଳନ କର୍ମକର୍ତ୍ତା ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ଏକ ଟିମ ବାଲୁଗାଁ ଥାନା ଅଞ୍ଚଳରେ ଚଢାଉ କରିଥିଲେ। ଚଢାଉ କରି ବାଲୁଗାଁ ୧୬ ନମ୍ବର ଜାତୀୟ ରାଜପଥ କଡ ସ୍ଥିତ ମା' କାଳୀଜାଇ ହୋଟେଲ ମଧ୍ୟରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଶିଶୁ ଶ୍ରମିକ ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ବିକାଶ ପାତ୍ର (୧୫) ବୋଲି ଜଣାପଡ଼ିଛି। ନାବାଳକ ବିକାଶକୁ ବର୍ତ୍ତମାନ ଶିଶୁ କଲ୍ୟାଣ କମିଟି କୁ ହସ୍ତାନ୍ତର କରା ଯାଇ ଥିବା ସୂଚନା ମିଳିଛି।

# ୨୨ କେଜି ଗଞ୍ଜେଇ ଜବତ; ୩ ଗିରଫ



**ନିରାକାରପୁର/ଟାଙ୍ଗୀ, ୨୬।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଅବକାରୀ ପୁଲିସ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ରାମେଶ୍ୱର ନିକଟରେ ଚଢ଼ାଉ ୨୨ କେଜି ଗଞ୍ଜେଇ ଜବତ କରିଥିବାବେଳେ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ କି ଏକ ଯାତ୍ରୀବାହୀ ଅଟୋରେ ୩ ଜଣ ଗଞ୍ଜେଇ ନେଇ ପୁରୀ ଆଡ଼କୁ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଟାଙ୍ଗୀ ଅବକାରୀ ବିଭାଗ କର୍ମଚାରୀ ରାମେଶ୍ୱର ଛକ ନିକଟରେ ଚଢ଼ାଉ କରିଥିଲେ। ଉକ୍ତ ସ୍ଥାନରୁ ୨୨ କେଜି ଗଞ୍ଜେଇ ଜବତ ସହ ଜଣ ଙ୍କୁ ଗିରଫ କରିଛ. ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲ୍ଲା ର ରବୀନ୍ଦ୍ର ସ୍ୱାଇଁ, ଟୁକୁନା ପାଣିଗ୍ରାହୀ. ଓ ଭଗବାନ ମହାପାତ୍ର ବୋଲି ଜଣା ପଡ଼ିଛି। ଗଞ୍ଜାମରୁ ପୁରୀକୁ ଚଲାଣ ହେଉଥିଲା ଗଞ୍ଜେଇ। ଆସନ୍ତା ରଥଯାତ୍ରାରେ ହୋଇଥାନ୍ତା ବେପାର।

● ସରକାରନିୟମକୁବେଖାତିର

# ପେଟ୍ରୋଲ ପମ୍ପରେ ବ୍ୟାପକ ଅପମିଶ୍ରଣ ଅଭିଯୋଗ

**ବାଲୁଗାଁ, ୨୬।୬ (ସମିସ):** ବାଲୁଗାଁ, ବାଣପୁର, ନାଚୁଣି, ଆଙ୍କୁଲାଚଟି ଛକ ଓ ନାରାୟଣୀ ଛକ ଆଦି ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡିକରେ ଗ୍ରାହକଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯଥା ଶୌଚାଳୟ, ଥଣ୍ଡା ପାନୀୟ ଜଳ ଓ ପ୍ରେସର ମେସିନ ଆଦି ସମସ୍ତ ସୁବିଧା ଯୋଗାଇ ଦେବା ସରକାରଙ୍କ ନିୟମ ରହିଛି। ଅଞ୍ଚଳରେ ଅବସ୍ଥିତ ପ୍ରାୟତଃ ପେଟ୍ରୋଲ ପମ୍ପ ଗୁଡିକରେ ସରକାରଙ୍କ ନିୟମ ମୁତାବକ ଗ୍ରାହକଙ୍କ ଲାଗି ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେଉନଥିବା ଦେଖିବାକୁ ମିଳୁଛି। ତତ୍ ସହିତ ଅଞ୍ଚଳର ସମସ୍ତ ପେଟ୍ରୋଲ ପମ୍ପମାନଙ୍କରେ ବ୍ୟାପକ ଅପମିଶ୍ରଣ ଓ ମାପ ଓଜନରେ ଠକେଇ ହେଉଥିବା ନେଇ ଗାଡ଼ି ଚାଳକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଡ଼ିପୋରୁ ପେଟ୍ରୋଲ ବୋଝେଇ କରି ତେଲ ଟ୍ୟାଙ୍କର ବାହାରିବା ପରେ ବାଟରେ କିରୋସିନି ଅପମିଶ୍ରଣ କରି ଆସୁଥିବା ସହ ତେଲ ଟାଙ୍କିରେ ମଧ୍ୟ ଅପମିଶ୍ରଣ କରାଯାଉ ଥିବା ବେଳେ ମାପ ଓଜନରେ ମଧ୍ୟ ଠକେଇ କରି କମ ପରିମାଣର ତେଲ ଦେଇ ଗ୍ରାହକଙ୍କୁ ଶୋଷଣ କରୁଥିବା ନେଇ ବିଭିନ୍ନ ପ୍ରଶାସନିକସ୍ତରରେ ଅଭିଯୋଗ ହୋଇ ଆସୁଥିବା ସହ ଏସମ୍ପର୍କରେ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଅପମିଶ୍ରଣ ତେଲ ପକାଇ ଗାଡ଼ି ଚାଳକ ବାଟରେ ନାହିଁ ନଥିବା ହଟହଟା ହେଉଥିବା ବେଳେ ମାପ ଓଜନରେ ମଧ୍ୟ ଠକେଇ ଯୋଗୁଁ ଗାଡ଼ିର ମାଇଲେଜ କମ ଦେଖାଉଥିବାକୁ ନେଇ ଗାଡ଼ି ଚାଳକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଜଣାଯାଇଛି। ଅଞ୍ଚଳରେ ଥିବା କେତେକ ପେଟ୍ରୋଲ ପମ୍ପମାନଙ୍କରେ ମନମୁଖି ଭାବରେ ସରକାରୀ ନିୟମକୁ ଉଲ୍ଲଂଘନ କରି ଗ୍ରାହକଙ୍କୁ ଶୋଷଣ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ପ୍ରଶାସନ ନିରବ ଦ୍ରଷ୍ଟା ସାଜିବା ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତଦନ୍ତ କରିବା ସହ ଗ୍ରାହକ ମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଉନ୍ନତମାନର ପେଟ୍ରୋଲ ଯୋଗାଇ ଦେବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବାଇକ୍ ଓ ମଦ ଜବତ; ୩ ଗିରଫ



**ବେଗୁନିଆ, ୨୬।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଚଢ଼ଉ କରି ୧୨୫ ଲିଟର ଦେଶୀ ମଦ ଓ ଗୋଟିଏ ବାଟ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ବିଭାଗ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରି ବରପଦା ଗ୍ରାମର ମିହିର ପ୍ରଧାନ, ପିଚୁକୁଳି ଗ୍ରାମର ଅଶୋକ ନାୟକ ଓ କୁଶପଲା ଗ୍ରାମର ଇନ୍ଦୁଲତା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଡ଼ଉରେ ଖୋର୍ଦ୍ଧା ଅବକାରୀ ଥାନା ସଦର ରେଞ୍ଜ ନିରୀକ୍ଷକ ସନ୍ତୋଷ କୁମାର ସାହୁ, ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନ ଜାଗିନ ରାଓ, ସହକାରୀ ଉପନିରୀକ୍ଷକ ବିରଞ୍ଚି ନାରାୟଣ ମହାନ୍ତି, ସିପାହୀ ବିକାଶ ଚନ୍ଦ୍ର ରାଉତ, ମନୋଜ କୁମାର ଜୟସିଂହ ଓ ଚିନ୍ମୟ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

ଦୟାନଦୀ ପାଣି ପ୍ରଦୂଷିତ

# ବିଷାକ୍ତ ମାଛ ଖାଉଛନ୍ତି ଲୋକେ





**ଜଟଣୀ, ୨୬।୬(ସମିସ)**

ଦୟାନଦୀ ଉପରେ ବିଶେଷ କରି ଜଟଣୀ, ପିପିଲି, ଡେଲାଙ୍ଗ, କଣାସ ଭଳି ବ୍ଲକଗୁଡ଼ିକର ଲୋକମାନେ ନିର୍ଭର କରନ୍ତି। ଜଟଣୀ ବ୍ଲକର ତିରିମଲ, ପାଣ୍ଡିଆବିଲି, ବେଣାପଞ୍ଜରୀ ପଞ୍ଚାୟତ ବିଶେଷ ଭାବେ ନଦୀ ସହ ସଂଯୋଗ କରୁଛି। ଏହି ପଞ୍ଚାୟତ ଗୁଡ଼ିକର ଅନେକ ଗାଁକୁ ପାଇପ୍ ଲାଇନ୍ ଦ୍ୱାରା ପିଇବା ପାଣି ସପ୍ଲାଏ ହୋଇଛି। ପାଣି ସମ୍ପୂର୍ଣ୍ଣ ଖରାପ ହେବା ଦ୍ୱାରା କିଛି ଦିନ ହେଲା ଲୋକମାନେ ଏହି ପାଣି ବ୍ୟବହାର କରିବା ବେଳେ ସମସ୍ୟାରେ ସମ୍ମୁଖିନ ହୋଇଛନ୍ତି। ପାଣିକୁ କେହି ପିଇ ପାରୁନାହାଁନ୍ତି, ଦୁର୍ଗନ୍ଧ ହେଉଛି। ରୋଷେଇରେ ମଧ୍ୟ ବ୍ୟବହାର କରିବା ସମ୍ଭବ ହେଉନାହିଁ। ଗାଧୋଇଲେ ଦେହ ସାରା କୁଣ୍ଡାଇ ହେଉଛି। ଏପରିକି ପଶୁ ପକ୍ଷୀମାନେମାନେ ପାଣି ପିଇ ପାରୁନାହାଁନ୍ତି। ଫଳରେ ସପ୍ଲାଇ ପାଣି ଲାଇନ୍ କୁ ବନ୍ଦ କରିଦିଆ ଯାଇଛି। ଯାହା ଦ୍ୱାରା ପାଣି ପାଇଁ ଲୋକମାନେ ଅସୁବିଧାରେ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ନଦୀ ପାଣି ବିଷାକ୍ତ ହେବାରୁ ସେଥିରେ ଥିବା ମାଛ ଗୁଡ଼ିକ ମରି ଭାସୁଛନ୍ତି। ଅନ୍ୟପଟେ ଗଙ୍ଗୁଆ ନଦୀରେ ସହରର ସମସ୍ତ ଦୂଷିତ ପାଣି ସହ ଅନେକ ଆବର୍ଜନା ମିଶ୍ରିତ ହେଉଛି। ଏହାରି ମଧ୍ୟରେ ଜଟଣୀ ବ୍ଲକ ଦେଇ ପ୍ରବାହିତ ହୋଇଥିବା ଦୟାନଦୀ ପାଣି ସମ୍ପୂର୍ଣ୍ଣ ଦୂଷିତ ହେବା ସହ ବିଷାକ୍ତ ହୋଇଗଲାଣି। ତିରିମଲ୍ ଠାରେ ଦୟାନଦୀକୁ ସଂଯୋଗ କରିଥିବା ରାଜୁଆନଦୀ ପାଣି ମଧ୍ୟ ବିଷାକ୍ତ ହୋଇଯାଇଛି। ପ୍ରବାହିତ ହେଉ ଥିବା ପାଣି ଅଧିକ ଦୁର୍ଗନ୍ଧ ହେବା ସହ ପାଣି ସମ୍ପୂର୍ଣ୍ଣ କଳା ରଙ୍ଗରେ ପରିଣତ ହୋଇଯାଇଛି। ଫଳରେ ନଦୀ ପଶ୍ୱର୍ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେଲା ପାଣି ଅଧିକ ଦୂଷିତ ହେବାରୁ ମାଛ ଗୁଡ଼ିକ ମରି ପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ଫଳରେ ଏହାର ଫାଇଦା ଅସାମାଜିକ ଲୋକ ନେଉଥିବା ବେଳେ ସାଧାରଣ ଲୋକ ମଲା ବିଷାକ୍ତ ମାଛ ଖାଉଛନ୍ତି। ଏଥିସହ ବୁଲା ପଶୁ ମଧ୍ୟ ଦୂଷିତ ପାଣି ପିଉଥିବାରୁ ଖୁବ୍ କମ୍ ଦିନରେ ସେମାନଙ୍କ ସ୍ଥିତି ସାଙ୍ଘାତିକ ହେବ ବୋଲି ଅନୁମାନ କରାଯାଉଛି। ତେଣୁ ପ୍ରଶାସନିକ ସ୍ତରରେ ଏହା ଉପରେ ଅଧିକ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ତେବେ ଏନେଇ ଜଟଣୀ ତିରୀମଲ ବିଶିଆପଡ଼ା ଅଞ୍ଚଳର ଶିକ୍ଷାବିତ୍ ତଥା ସମାଜସେବୀ ଗୋରାଚାନ୍ଦ ରାୟ କହିଛନ୍ତି ଯେ, ପ୍ରତିବର୍ଷ ଦୟା ଓ ରାଜୁଆ ନଦୀ ପାଣି ବିଷାକ୍ତ ହେଉଛି। ଫଳରେ ଏହି ନଦୀ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଜନସାଧାରଣ ଓ ପଶୁ ପକ୍ଷୀମାନେ ରୋଗାଗ୍ରସ୍ତ ହେବାର ଦେଖାଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ନିବେଦନ କରିଛନ୍ତି।

# ପୂର୍ବ ସେନାନୀ ସଂଘର ଦ୍ୱିତୀୟ ପ୍ରତିଷ୍ଠା ଦିବସ

**କୁହୁଡ଼ି, ୨୬।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର କୁହୁଡି ପଞ୍ଚାୟତ ରଜପଡ଼ିଆ ଠାରେ ଭାରତୀୟ ପୂର୍ବ ସେନାନୀ ସଂଘର ଚିଲିକା ଶାଖା ତରଫରୁ ଦ୍ୱିତୀୟ ପ୍ରତିଷ୍ଠା ଦିବସ ପୂର୍ବ ସେନାନୀ ସଂଘର କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ସଂଘର ସମ୍ପାଦକ ଶତ୍ରୁଘ୍ନ ପ୍ରଧାନଙ୍କ ତତ୍ୱାବଧାନରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପିଲାମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେବା, ଗଛ ଲଗାଇବା, ସମାଜର ଶୋଷିତ, ବାଞ୍ଛିତ ଓ ଅସହାୟକଙ୍କୁ ସାହାଯ୍ୟ କରିବା ପାଇଁ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ ଆଲୋଚନା କରିଥିଲେ।ନିରୋଗ ରହିବା, ସାହାଯ୍ୟ ସହଯୋଗ କରିବା ଓ ଏହି ଅନୁଷ୍ଠାନକୁ ଆଗକୁ ବଢ଼ାଇବା ପାଇଁ ନିଜକୁ ସମୟ ଦେବା ପାଇଁ ଉପଦେଷ୍ଟା ମନ୍ମଥ ସିଂହ କହିଥିଲେ। ସଭାପତି ଶଙ୍କର ବଡଜେନା, ଉପସଭାପତି ଶ୍ରୀବତ୍ସ ବୈରିଗଞ୍ଜନ୍, ଜଳଧର ପ୍ରଧାନ, ଯୋଗିନ୍ଦ୍ର ନାଥ ବିଶ୍ୱାଳ ଓ ଭୁବନେଶ୍ୱର ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

# ୪ ମାଙ୍କଡ଼ା ପଥର ଗାଡ଼ି ଜବତ



**କାଳୁପଡ଼ାଘାଟ, ୨୬।୬(ସମିସ):** ଲୋକଙ୍କ ଅଭିଯୋଗ କ୍ରମେ ଆକ୍ସନ ମୋଡକୁ ଆସିଛି ଚାନ୍ଦପୁର ପୁଲିସ। ଖଣି ମାଫିଆଙ୍କୁ ସାବାଡ଼ କରିବା ପାଇଁ ଅଂଟା ଭିଡିଛି ଚାନ୍ଦପୁର ପୁଲିସ। ଅତର୍କିତ ଭାବେ ମୟୁରଝାଲିଆ ଚୋରା ମାଙ୍କଡା ପଥର ଖଣିରେ କରିଛି ଚଢ଼ାଉ। ଚଢ଼ାଉ କରି ୪ଟି ଟ୍ରକ୍ ଜବତ କରିବାରେ ପୁଲିସ ସକ୍ଷମ ହୋଇଛି। ତେବେ ମାଫିଆ ମାନେ ଟ୍ରକ ଗୁଡ଼ିକୁ ଛାଡି ଫେରାର ହୋଇ ଯାଇଛନ୍ତି। ଜବତ ଟ୍ରକ୍ ଗୁଡ଼ିକୁ ନିଜ ହେପାଜତକୁ ନେଇଛି ପୁଲିସ। ଏ ନେଇ ଚାନ୍ଦପୁର ପୁଲିସ ତଦନ୍ତ ଜାରି ରଖିଛି। ଖୁବ ଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଚାନ୍ଦପୁର ଥାନା ଆଇଆଇସି ଜଗଦୀଶ ଚନ୍ଦ୍ର କର ପ୍ରକାଶ କରିଛନ୍ତି।

